THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

ମନୋରଞ୍ଜନ

ଅନୀତ୍‌ଙ୍କ ହରର୍ ଫିଲ୍ମ



୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୨୫ ଅକ୍ଟୋବର ୨୦୨୬

# ପୂଜା ପ୍ରଦୂଷଣ



# ଦିବ୍ୟ ଜନନୀ ସାରଦା (୧୩)

■ ମନୋଜ କୁମାର ମହାପାତ୍ର

## ପୂର୍ଣ୍ଣ ମାତୃତ୍ୱର ପରିପ୍ରକାଶ (୧)



ମା' ଥିଲେ ଅତ୍ୟନ୍ତ ଲଜ୍ଜାଶୀଳା କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଶ୍ରୀ ରାମକୃଷ୍ଣଙ୍କ ନିକଟରେ ସମର୍ପଣ କରିଥିଲେ। ମାତୃତ୍ୱ ରାଜ୍ୟରେ ସ୍ୱାଧୀନ ଭାବେ ବିଚରଣ କରୁଥିବା ମା' ତାଙ୍କର ମାତୃତ୍ୱର ଅମୃତଧାରାରେ ଜାତି, ବର୍ଣ୍ଣ, ଧର୍ମ, ପାପ ଓ ପୁଣ୍ୟ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରି ନେଇଥିଲେ। ମାତୃପ୍ରେମରେ କେବେ ମଧ୍ୟ ପରାଜୟ ସ୍ୱୀକାର କରୁନଥିବା ମା'ଙ୍କ ଆଗରେ ବେଳେବେଳେ ବାଧ ହୋଇ ହାର ମାନିନିଅନ୍ତି ଶ୍ରୀ ରାମକୃଷ୍ଣ। କିନ୍ତୁ ସତର୍କ ମଧ୍ୟ କରାଇ ଦିଅନ୍ତି। ଏହିପରି ଏକ ଘଟଣାକ୍ରମ ଅନୁସାରେ ମା' ନହବତରେ ରହୁଥିବା ବେଳେ ଜଣେ ବୟସ୍କା ମହିଳା ଯିଏ ନିଜର ଯୌବନାବସ୍ଥାରେ ଜଣେ ଚାରିତ୍ରିକ ବିଶୃଙ୍ଖଳିତ ଥିଲେ ସେ ମା'ଙ୍କ ସହିତ ଭଗବତ୍ ଚର୍ଚ୍ଚା କରିବାକୁ ଆସୁଥିଲେ। ଏହି ଘଟଣା ଶ୍ରୀ ରାମକୃଷ୍ଣଙ୍କ ଦୃଷ୍ଟିରେ ପଡ଼ିଲା ଓ ସେ କାହିଁକି ଯିବାଆସିବା କରୁଛନ୍ତି ବୋଲି ମା'ଙ୍କୁ ପ୍ରଶ୍ନ କଲେ। ଯେହେତୁ ମା' ଜାଣିଛନ୍ତି ମଣିଷର ମନ ପରିବର୍ତ୍ତନଶୀଳ ସେ ତତ୍କ୍ଷଣାତ କହି ଉଠିଲେ- 'ସେ ବର୍ତ୍ତମାନ କେବଳ ହରିଙ୍କ କଥା କହୁଛନ୍ତି। ତାଙ୍କ ସହିତ ମିଶିଲେ କ୍ଷତି ନାହିଁ। ଜଣେ ମନ୍ଦ ସ୍ୱଭାବର ନାରୀ ଅସତ୍ କର୍ମ ପାଇଁ ଅନୁତାପ ବି କରିପାରେ।' ଅନ୍ୟପକ୍ଷରେ ଶ୍ରୀ ରାମକୃଷ୍ଣ, ମା'ଙ୍କର ଏତାଦୃଶ ସ୍ୱାଧୀନ ଚିନ୍ତାଧାରାକୁ ସମ୍ମାନ ଦେଉଥିଲେ ମଧ୍ୟ ସଂସାରୀ ଲୋକମାନେ ତାଙ୍କର ଏଭଳି ମହାନ ଚିନ୍ତାଧାରା ପଶ୍ଚାତରେ ରହିଥିବା ରହସ୍ୟକୁ ହୃଦୟଙ୍ଗମ କରିନପାରି ସମାଲୋଚନା କରିପାରନ୍ତି ଭାବି ସତର୍କ କରାଇ ଦେଉଥିଲେ। ଶ୍ରୀ ରାମକୃଷ୍ଣଙ୍କର ମୃଦୁ ଭର୍ତ୍ସନା ହୃଦୟଙ୍ଗମ କରିପାରିଲେ ମଧ୍ୟ ଶ୍ରୀମା ଜାଣିଥିଲେ ଯେ ସେ ହଜାର ହଜାର ପାପୀ ତାପୀଙ୍କୁ ଶାନ୍ତି ପ୍ରଦାନ କରିବାକୁ ଆସିଛନ୍ତି।

ପରବର୍ତ୍ତୀ ସମୟରେ ଶ୍ରୀ ରାମକୃଷ୍ଣଙ୍କ ଦର୍ଶନ ନିମନ୍ତେ ଦକ୍ଷିଣେଶ୍ୱରକୁ ଆସୁଥିବା ଭକ୍ତମାନେ ଆନନ୍ଦ ଚିତ୍ତରେ ବିଭିନ୍ନ ପ୍ରକାର ମିଠେଇ ଓ ଫଳ ଅର୍ପଣ କରୁଥିଲେ ଯେଉଁଗୁଡ଼ିକୁ ନେଇ ମା' ଭକ୍ତ ଓ ଶିଶୁମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ। ତାଙ୍କର ମାତୃପ୍ରେମ ଓ ମୁକ୍ତ-ହସ୍ତ ଦେଖି ଅବାକ୍ ହୋଇପଡୁଥିଲେ ସମସ୍ତେ। ମିଠା ବାଣ୍ଟୁ ବାଣ୍ଟୁ ଶ୍ରୀମା, ରାମକୃଷ୍ଣଙ୍କ ପାଇଁ ରଖିବାକୁ ମଧ୍ୟ ଭୁଲି ଯାଉଥିଲେ। କିନ୍ତୁ ଥରେ ସୌଭାଗ୍ୟବଶତଃ କଲିକତାର ଭକ୍ତ ନବଗୋମପାଳ ବାବୁଙ୍କ ପତ୍ନୀ ସେଠାରେ ପହଞ୍ଚି ମିଠେଇ ପ୍ୟାକେଟ୍‌ଟିଏ ବଢ଼ାଇ ଦେଇଥିଲେ ଯେଉଁଟିକୁ ଶ୍ରୀ ରାମକୃଷ୍ଣଙ୍କ ସେବନ ପାଇଁ ରଖାଯାଇଥିଲା। ଏପରି ଅଭାବନୀୟ ପରିସ୍ଥିତି ଶ୍ରୀ ରାମକୃଷ୍ଣଙ୍କ କାନରେ ପଡ଼ିବାରୁ ସେ ଶ୍ରୀମାଙ୍କୁ ଯୁକ୍ତି ଛଳରେ କହିଥିଲେ- 'ତୁମେ ଏପରି କଲେ କିପରି ସବୁକିଛିର ସୁପରିଚାଳନା କରିହେବ ?' ମା' କିଛି କହିଲେ ନାହିଁ ଓ ଚୁପ୍ କରି ନହବତକୁ ଚାଲିଗଲେ। ଏହା ଦେଖି ଶ୍ରୀ ରାମକୃଷ୍ଣ ରାମଲାଲଙ୍କୁ କହିଲେ - 'ଖୁଡ଼ୀଙ୍କୁ ଯାଇ ଶାନ୍ତ କର। ସେ ରାଗିଲେ ମୋର ବହୁତ ଅସୁବିଧା ହେବ।' ମା'ଙ୍କର ପ୍ରସ୍ଫୁଟିତ ବିଶ୍ୱମାତୃତ୍ୱ ଭାବ ପାଖରେ ଏହା ଥିଲା ଶ୍ରୀ ରାମକୃଷ୍ଣଙ୍କର ସ୍ୱେଚ୍ଛାକୃତ ପରାଜୟ।

ଶ୍ରୀମା ଲଜ୍ଜାଶୀଳା ହୋଇଥିବାରୁ ଭକ୍ତମାନଙ୍କ ଉପସ୍ଥିତିରେ ଶ୍ରୀ ରାମକୃଷ୍ଣଙ୍କ ପାଖକୁ ଭୋଜନ ନେଇ ଯାଉନଥିଲେ। ଏପରି ସ୍ଥିତିରେ ଦିନେ ଖାଦ୍ୟ ଥାଳି ଧରି ଘର ବାରଣ୍ଡାରେ ଅପେକ୍ଷା କରି ରହିଥିବା ବେଳେ ଜଣେ ମହିଳା ଭକ୍ତ ଦୌଡ଼ିଆସି ଶ୍ରୀମାଙ୍କ ହାତରୁ ଥାଳି ନେଇ କହିଲେ- 'ମା', ମୋତେ ଦିଅ ମୁଁ ଠାକୁରଙ୍କୁ ଦେଇଦେବି।' ଶ୍ରୀ ରାମକୃଷ୍ଣଙ୍କ ସମ୍ମୁଖରେ ଥାଳି ଥୋଇ ମହିଳା ଜଣକ ତୁରନ୍ତ ବାହାରକୁ ଚାଲି ଆସିଲେ। କିନ୍ତୁ ମହିଳା ଜଣକ ଦୁଃଶ୍ଚରିତ୍ରା ନାରୀ ହୋଇଥିବାରୁ ସେ ଖାଦ୍ୟ ଛୁଇଁଲେ ନାହିଁ ଓ ଶ୍ରୀମାଙ୍କୁ କହିଲେ- 'ତୁମେ ଶପଥ କରି କୁହ ଆଜିଠାରୁ କାହାରି ହାତରେ ମୋ ପାଖକୁ ଖାଦ୍ୟ ପଠାଇବ ନାହିଁ।' ମା'ଙ୍କ ହୃଦୟ କିନ୍ତୁ ମାତୃପ୍ରେମରେ ବିଗଳିତ ହୋଇ ରହୁଥିବାରୁ ହାତଯୋଡ଼ି କହିଲେ- 'ମୋତେ ଯିଏ ମା' ବୋଲି ସମ୍ବୋଧନ କରନ୍ତି ମୁଁ ଆଦୌ ନିଜକୁ ସମ୍ଭାଳିପାରେ ନାହିଁ। ମା' ଡ଼ାକରେ ମୁଁ ଭାସିଯାଏ। ତୁମେ କେବଳ ମୋର ପ୍ରଭୁ ନୁହେଁ, ସମସ୍ତଙ୍କର।' ମା'ଙ୍କର ବିଶାଳ ମନ ଓ ହୃଦୟକୁ ବୁଝିପାରି ସେ ମଧ୍ୟ ଆନନ୍ଦରେ ବୁଡ଼ିଯାଉଥିଲେ।

କୃଚ୍ଛ ସାଧନା ଓ ତପସ୍ୟା ଯୋଗୁ ଶ୍ରୀ ରାମକୃଷ୍ଣଙ୍କର ପାଚନ ଶକ୍ତି ଦୁର୍ବଳ ହୋଇଯାଇଥିଲା। ଚନ୍ଦ୍ରାଦେବୀଙ୍କ ନିଧନ ପରେ ସତେକି ଶ୍ରୀମା ତାଙ୍କର ମା' ହୋଇଯାଇଥିଲେ। ପରମ୍ପରା ଅନୁସାରେ ମା' ମାସର କେତୋଟି ନିର୍ଦ୍ଦିଷ୍ଟ ଦିନରେ ଶ୍ରୀ ରାମକୃଷ୍ଣଙ୍କ ପାଇଁ ରୋଷେଇ କରୁନଥିଲେ ଓ କାଳୀ ମନ୍ଦିରରୁ ଯେଉଁ ପ୍ରସାଦ ଆସେ ତାକୁ ହିଁ ଭୋଜନ କରୁଥିଲେ। ପ୍ରସାଦ ସେବନ କରିବାରୁ ତାଙ୍କ ପେଟରେ ଯନ୍ତ୍ରଣା ହେଲା ଓ ସେପରି ସମୟରେ ଶ୍ରୀ ରାମକୃଷ୍ଣ ମା'ଙ୍କୁ ଭୋଜନ ପ୍ରସ୍ତୁତ କରିବାକୁ କହିଥିଲେ। ଏହା ସହିତ ପବିତ୍ରତା ଓ ଅପବିତ୍ରତା କେବଳ ମନରେ ବାସ କରେ, ବାହାରେ ଅପବିତ୍ରତାର ସ୍ଥାନ ନଥାଏ ବୋଲି କହିଥିଲେ। କାରଣ ସେମାନେ ସଂସାରୀ ନଥିଲେ।

ପ୍ରତି ବର୍ଷ ଗଙ୍ଗାନଦୀ କୂଳରେ ଅବସ୍ଥିତ ପାଣିହାଟି ଠାରେ ଦଣ୍ଡ ମହୋତ୍ସବ ନାମକ ଏକ ବିଖ୍ୟାତ ବୈଷ୍ଣବ ଉତ୍ସବ ଅନୁଷ୍ଠିତ ହେଉଥିଲା ଜ୍ୟେଷ୍ଠ ମାସରେ। ଅନେକ ଥର ଏଥିରେ ଭାଗ ନେଇଥିବା ଶ୍ରୀ ରାମକୃଷ୍ଣ ପୁନର୍ବାର ୧୮୮୫ରେ ଯୋଗ ଦେବାକୁ ଚାହିଁଲେ। ତାଙ୍କର ରୋଷେଇ ନିମନ୍ତେ ଉଦ୍ଦିଷ୍ଟ ଜଣେ ମହିଳା ଭକ୍ତଙ୍କ ମାଧ୍ୟମରେ ଡ଼ଙ୍ଗାରୁ ଓହ୍ଲାଇ ଜନଗହଳି ଭିତରେ ତାଙ୍କୁ କଷ୍ଟ ହେବ ଓ ଏଥିପାଇଁ ସେ ତାଙ୍କ ସହିତ ଆସିପାରିବେ ନାହିଁ ବୋଲି ଖବର ପଠାଇଥିଲେ ମା'। ସେଠାରେ ଶ୍ରୀ ରାମକୃଷ୍ଣଙ୍କ ଭାବ ସମାଧିବସ୍ଥା ଦେଖିବା ପାଇଁ ଭକ୍ତମାନଙ୍କର ଭିଡ଼କୁ ଦେଖି ଶ୍ରୀ ରାମକୃଷ୍ଣ କହିଥିଲେ - 'ମା' (ସାରଦା) ଆମ ସହିତ ନଆସି ଭଲ କରିଛନ୍ତି।' ବାସ୍ତବରେ ଏହି ଦିବ୍ୟ ଦମ୍ପତିଙ୍କର ସମ୍ପର୍କ ଓ ବୁଝାମଣା ଲୌକିକସ୍ତରରେ ପର୍ଯ୍ୟବସିତ ନଥିଲା। ସେମାନେ ଏକ ମନ, ଏକ ଭାବନାରେ ଉଦ୍‌ଭାସିତ ହେଉଥିଲେ।

ଅନ୍ୟ ଏକ ଘଟଣାରେ ଗୋଲାପ ମା' ନାମ୍ନୀ ଜଣେ ଆଧ୍ୟାତ୍ମିକ ନାରୀ ଯିଏ ବେଳେବେଳେ ନହବତରୁ ଶ୍ରୀ ରାମକୃଷ୍ଣଙ୍କ ପାଇଁ ଖାଦ୍ୟ ନେଇ ଆସୁଥିଲେ ଜଣେ ସର୍ବତ୍ୟାଗୀ ସନ୍ନ୍ୟାସୀଙ୍କ ପତ୍ନୀ ହୋଇ ସାରଦା ଦେବୀ କିଭଳି ଗହଣା ପରିଧାନ କରୁଛନ୍ତି ବୋଲି କହିବାର ଶୁଣିବା ପରେ ମା' ନିଜ ଦେହରୁ ଅଳଙ୍କାର ବାହାର କରିଦେଇଥିଲେ କିନ୍ତୁ ହାତରେ ପିନ୍ଧିଥିଲେ ଦୁଇଟି ବଳା। ତେବେ ପରବର୍ତ୍ତୀ ସମୟରେ ଶ୍ରୀ ରାମକୃଷ୍ଣ ଗଳା କର୍କଟ ରୋଗରେ ପୀଡ଼ିତ ହେବାରୁ ମା'ଙ୍କର ମନ ସମ୍ପୂର୍ଣ୍ଣ ଭାବରେ ଅଳଙ୍କାର ପରିଧାନ ଉପରୁ ତୁଟି ଯାଇଥିଲା। (କ୍ରମଶଃ)

ମୋ-୯୯୩୭୨୯୭୦୩୯



## ଦୁର୍ଗା ସଦା ନୋ ଦୁରିତଂ ଦୃଣାତୁ

(ଛନ୍ଦଃ- ଇନ୍ଦ୍ରବଜ୍ରା)

ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ

ପଞ୍ଚାସ୍ୟପୃଷ୍ଠାସନନିଷ୍ଠିତାଙ୍ଗ-
ପ୍ରୋଦଞ୍ଚିତାଭାଦ୍ଭୁତସର୍ବଲୋକା।
ହୃତ୍ପେଟିକାସଞ୍ଚିତସଦ୍ଦୟାଢ୍ୟା
ଦୁର୍ଗା ବିଦୂରୀକୁରୁତାଂ ଦରଂ ନଃ ।୧।

ପଞ୍ଚାସ୍ୟ (ସିଂହ)ର ପୃଷ୍ଠଭାଗରେ ଆସୀନ ହୋଇଥିବା ନିଜ ଅଙ୍ଗର ତେଜରେ ସମଗ୍ର ଜଗତକୁ ଆଲୋକିତ କରୁଥିବା ଏବଂ ନିଜ ହୃଦୟପେଟିକାରେ ସଞ୍ଚିତ ଦୟାଧନରେ ସମୃଦ୍ଧା ମା' ଦୁର୍ଗା ଆମର ସମସ୍ତ ଭୟ ଓ ଆତଙ୍କକୁ ଦୂରେଇ ଦିଅନ୍ତୁ।

ମନ୍ଦାରମାଳାବୃତକଣ୍ଠଦେଶ-
ପ୍ରଭ୍ରାଜମାନୋଜ୍ଜ୍ୱଳରତ୍ନହାରା ।
କୁନ୍ଦାବଦାତସ୍ମିତସୁନ୍ଦରାସ୍ୟା
ଦୁର୍ଗା ସଦା ନୋ ଦୁରିତଂ ଦୃଣାତୁ ।୨।

ମନ୍ଦାର ପୁଷ୍ପର ମାଳାରେ ଯାହାଙ୍କ କଣ୍ଠଦେଶ ଶୋଭିତ, ଉଜ୍ଜ୍ୱଳ ରତ୍ନହାରର ଦୀପ୍ତିରେ ଯିଏ ଅତ୍ୟନ୍ତ ଶୋଭାମୟୀ ଏବଂ କୁନ୍ଦପୁଷ୍ପ ପରି ନିର୍ମଳ ଓ ଧବଳ ହସ ଯାହାଙ୍କ ସୁନ୍ଦର ମୁଖମଣ୍ଡଳକୁ ଅଧିକ ମନୋହର କରେ; ସେହି ମା' ଦୁର୍ଗା ସର୍ବଦା ଆମର ସମସ୍ତ ଦୁରିତ, ପାପ ଓ ଅମଙ୍ଗଳକୁ ଦୂର କରନ୍ତୁ।

ଶୂଳେନ ଖଡ୍‌ଗେନ ଶରେଣ ଘଣ୍ଟା-
ଚକ୍ରାଙ୍କୁଶାଦ୍ୟୈଃ ସ୍ଫୁରଦାୟୁଧୈଶ୍ଚ ।
ଯୁକ୍ତୈର୍ବିଶାଳା ବହୁବାହୁଦଣ୍ଡୈ-
ର୍ଦୁର୍ଗା ଦୁରିଷ୍ଟଂ ଦଳୟେଦ୍ ଦ୍ରୁତଂ ନଃ ।୩।

ତ୍ରିଶୂଳ, ଖଡ୍ଗ, ବାଣ, ଘଣ୍ଟା, ଚକ୍ର, ଅଙ୍କୁଶ ଆଦି ଅନେକ ଦିବ୍ୟ ଅସ୍ତ୍ରରେ ଶୋଭିତ ବାହୁମାନଙ୍କୁ ଧାରଣ କରୁଥିବା ବିଶାଳସ୍ୱରୂପା ମା' ଦୁର୍ଗା ଆମର ସମସ୍ତ ଦୁଷ୍ଟ ପ୍ରଭାବ, ଅନିଷ୍ଟ ଓ ଅମଙ୍ଗଳକୁ ଶୀଘ୍ର ଦଳନ କରନ୍ତୁ।

ଶୁମ୍ଭାଦିସଂହାରପଟିଷ୍ଠଶକ୍ତି-
ଶ୍ଚଣ୍ଡାଖ୍ୟଚଣ୍ଡାସୁରଖଣ୍ଡନୋଗ୍ରା ।
ସ୍ଫୂର୍ଜଦ୍ଦୟାରିକ୍ଷୟକାରିକେଳଂ
ଦୁର୍ଗାଦପବର୍ଗଂ ଭୁବି ନୋ ଦଦାତୁ ।୪।

ଶୁମ୍ଭ ଆଦି ଭୟଙ୍କର ଅସୁରମାନଙ୍କ ସଂହାରରେ ଯାହାଙ୍କ ଶକ୍ତି ଅପ୍ରତିମ, ପ୍ରଚଣ୍ଡ ଚଣ୍ଡାସୁରଙ୍କୁ ବିନାଶ କରିବାରେ ଯିଏ ଉଗ୍ର ସ୍ୱରୂପ ଧାରଣ କରିଥିଲେ ଏବଂ ଉଦ୍ଦାମ ମହିଷାସୁରକୁ ବିନାଶ କରୁଥିବା ସେହି ମା' ଦୁର୍ଗା ଆମକୁ ପରମ ମୁକ୍ତି ପ୍ରଦାନ କରନ୍ତୁ।

ବାଗ୍ଦେବତେତି ପ୍ରଥିତା ରମେତି
ପ୍ରୋକ୍ତା ମହେଶୀତି ବୁଧୈଃ ଶିବେତି ।
କାଳୀତି ଗୀତା କବିକେଶବେଡ୍ୟା
ଦୁର୍ଗା ଦ୍ୟତୁ ଦ୍ରାଗତିଦୁର୍ଗତିଂ ନଃ ।୫।

ଯିଏ ବାଗ୍ ଦେବତା ନାମରେ ପ୍ରସିଦ୍ଧା, ରମା ନାମରେ କୀର୍ତ୍ତିତା, ଜ୍ଞାନୀମାନଙ୍କ ଦ୍ୱାରା ମହେଶୀ ଓ ଶିବା ନାମରେ ଅଭିହିତା ଏବଂ କାଳୀ ନାମରେ ପ୍ରଶଂସିତା ତଥା କବି କେଶବ (କୃଷ୍ଣକେଶବ)ଙ୍କ ଦ୍ୱାରା ସ୍ତୁତ୍ୟା ଓ ଆରାଧ୍ୟା ସେହି ଜଗଜ୍ଜନନୀ ଦୁର୍ଗାଦେବୀ ଶୀଘ୍ର ଆମର ସମସ୍ତ ଦୁର୍ଗତି, ଦୁଃଖ, ଅମଙ୍ଗଳ ଓ ବିପଦକୁ ଖଣ୍ଡନ କରନ୍ତୁ।

ମୋ-୯୪୩୭୫୬୬୩୨୪

ପ୍ରଚ୍ଛଦ ଗଳ୍ପ

# ପୂଜା ପ୍ରଦୂଷଣ



ପାର୍ବଣ କେବଳ ଆଧ୍ୟାତ୍ମିକ ଭକ୍ତି କି ଭାବନାରେ ଅଟକିଯାଇନାହିଁ, ମନୋରଞ୍ଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ପାଲଟିଛି । ଏହି ପାର୍ବଣ ଋତୁରେ ଗାଁରୁ ସହର ଯାଏ ଲାଗି ରହିଛି ମେଳା ମହୋତ୍ସବ । ରଙ୍ଗବେରଙ୍ଗର ଆଲୋକମାଳା, ବାଣ ଓ ଆତସବାଜି, ତୋରଣରେ ଚମକି ଉଠୁଛି ପୂଜାସ୍ଥଳୀ । ଏହା ସହିତ ମେଳାକୁ ରଙ୍ଗିନ କରିବାକୁ ରାମଦୋଳି, ଯାତ୍ରା, ଉଠାଦୋକାନୀଙ୍କ ସହିତ ଖଚାଖଚ୍ ଭିଡ଼ରେ ହଜିଗଲା ପରେ ଲାଗୁଛି ଯେମିତି ମେଳା ବୁଲିବାର ସାର୍ଥକତା ମିଳିଗଲା । ହେଲେ ଏହି ପାର୍ବଣର ମେଳା ଆନନ୍ଦ ଦିଏ ସିନା କିନ୍ତୁ ଏହା ପଛରେ ବି ରହିଛି ଏକ ତିକ୍ତ ଅନୁଭବ । ନୋବେଲ ବିଜେତା ଗୀତିକାର ବବ୍ ଡ଼ିଲାନଙ୍କ ଭାଷାରେ ପ୍ରତ୍ୟେକ ସୁନ୍ଦର ଜିନିଷ ପଛରେ କିଛି ଯନ୍ତ୍ରଣା ରହିଲା ପରି ବି ଏହି ପାର୍ବଣର ମହୋତ୍ସବ ପଛରେ ରହିଛି ଅନେକ ଅନାଲୋଚିତ କଥା ଯାହା ଭାବିଲେ ମନରେ ଅନେକ ଆଘାତ ଦିଏ । ମନୋରଞ୍ଜନକୁ ଛାଡ଼ି ଦେଲେ କିଏ ବା ଗୁରୁତ୍ୱ ଦେଉଛି ଜଳ, ଶବ୍ଦ, ବାୟୁ, ଧ୍ୱନି କି ମାନସିକ ପ୍ରଦୂଷଣକୁ, ନା କିଏ ବୁଝିଛି ଟ୍ରାଫିକ ସମସ୍ୟାର କଷ୍ଟ, ନା କିଏ ସମାଧାନ କରିପାରିଛି ପାର୍ବଣ ପରର କୁଢ଼କୁଢ଼ ଆବର୍ଜନା ସମସ୍ୟାକୁ । ମୂର୍ତ୍ତି ଗଢ଼ାରୁ ପୁଣି ବିସର୍ଜନ ଯାଏ ଆମେ ଯେତିକି ପରିବେଶ ନଷ୍ଟ କରୁଛେ, ସେଥିପ୍ରତି ନା କାହାର ଅଛି ଅନୁଶୋଚନା , ମନରେ କଷ୍ଟ । ସେ ସମ୍ପର୍କରେ ଏକ ବିଶେଷ ପ୍ରତିବେଦନ ପାର୍ବଣ ପରର ପୀଡ଼ା ।

ବର୍ତ୍ତମାନ ଚାଲିଛି ପାର୍ବଣର ପର୍ବ । ବିଭିନ୍ନ ପର୍ବପର୍ବାଣି ଭାରତୀୟ ସଂସ୍କୃତି ସହ ଜଡ଼ିତ ହୋଇ ରହିଥିବାରୁ ଭିନ୍ନ ଭିନ୍ନ ପୂଜାପର୍ବାଣିର ପାଳନ ଦେଖିବାକୁ ମିଳିଛି । ପାର୍ବଣ ଋତୁରେ ନିଜେ ମଜଗୁଲ ହେବାକୁ ମୂର୍ତ୍ତି ଗଢ଼ି ପୂଜା କରିବା ସହ ଆହୁରି ରଙ୍ଗିନ କରିବାକୁ ତୋରଣ, ଆଲୋକ, ଡ଼ିଜେରେ ଜମୁଛି ମାହୋଲ । ବାଣ ଓ ଆତସବାଜି ମଧ୍ୟ ପାର୍ବଣକୁ ଯୋଡ଼ିଚାଲିଛି ଧୁମ୍ଧାମର ମାହୋଲକୁ । ଏସବୁ ମିଶାଇ ଖୁବ୍ ମନୋରଞ୍ଜନର ଫାଇଦା ନେଉଛନ୍ତି ଜନସାଧାରଣ । ଏହି ଆନନ୍ଦ ମଧ୍ୟରେ ଦେଖାଯାଉଥିବା ନିରାନନ୍ଦକୁ କେହି କଣ କେବେ ଉପଲବ୍ଧି କରିଛନ୍ତି ? ଏହା ପଛରେ ବି ମଣିଷ ସମାଜ ପାଇଁ ବିଭିନ୍ନ ପରିବେଶ ପ୍ରଦୂଷଣକାରୀ କାରକ ଶତ୍ରୁ ହୋଇ ଛିଡ଼ା ହୋଇଛନ୍ତି, ଆମେ ଜାଣିଲେ ବି ଅଜ୍ଞତା ରଖି ବିନା ଭ୍ରୁକ୍ଷେପରେ ବାଟ ଚାଲିଛନ୍ତି । ସାଧାରଣ ଅଶିକ୍ଷିତଙ୍କ କଥା ଛାଡ଼ି ଦିଅନ୍ତୁ ଶିକ୍ଷିତମାନେ ବି ଏଥିପ୍ରତି ଆଦୌ ସଚେତନ ନୁହନ୍ତି । ପାର୍ବଣରେ ପୀଡ଼ା ଦେଉଥିବା କେତେକ କାରକ ଶତ୍ରୁ ହୋଇ ଛିଡ଼ା ହୋଇଛନ୍ତି ତାହା ଜାଣିବା ଓ ତାହାର ପ୍ରତିକାର କରିବାର ସମୟ ବର୍ତ୍ତମାନ ଆମ   ପାଇଁ । ବେଳ ଥାଉ ଥାଉ ସାବଧାନ ହେବାକୁ ତ ନିଶ୍ଚୟ ପଡ଼ିବ !

## ରଙ୍ଗ ତ ନୁହେଁ ମୃତ୍ୟୁ ବାହକ

ପାର୍ବଣରେ ମୂର୍ତ୍ତିପୂଜା ପ୍ରାୟ ହିନ୍ଦୁ ସଂସ୍କୃତିରେ ରହିଆସିଛି । ମୂର୍ତ୍ତି ଯେ ଖାଲି ମାଟିରେ ଗଢ଼ା ଯାଇପାରିବନି ତ, ବରଂ ଏହାକୁ ଆଖିଦୃଶିଆ କରିବାକୁ ରଙ୍ଗ ବି ବୋଳିବାକୁ ପଡ଼ିବ । ପୂର୍ବରୁ ଯାହା ହେଉଥିଲା ଏବେ ଯୁଗ ଉନ୍ନତି ହେବା ସହିତ ଅଧିକ ସରସ, ସୁନ୍ଦର କରିବାକୁ ବିଭିନ୍ନ ରାସାୟନିକ ରଙ୍ଗର ବ୍ୟବହାର ଆହୁରି ଦୁର୍ବିସହ ହୋଇପଡ଼ିଛି । ରାସାୟନିକ ରଙ୍ଗ ପ୍ରସ୍ତୁତରେ ବ୍ୟବହାର ହେଉଥିବା ଭାରୀ ଧାତୁ ଯଥା ସୀସା, ପାରଦ, ଜିଙ୍କ୍, ମାଙ୍ଗାନିଜ, କ୍ରୋମିୟମ ଆଦି ମାରାତ୍ମକ ହୋଇପଡ଼ିଛି ମଣିଷ ସମାଜ ପାଇଁ । ଏହା ଜଳରେ ଦ୍ରବୀଭୂତ ସହଜରେ ହୋଇଥାଏ । ଏହି ଜଳ ବା ଜଳୀୟବାଷ୍ପକୁ ଖାଦ୍ୟଶୃଙ୍ଖଳର ସଂସ୍ପର୍ଶରେ ଆସୁଥିବା ଜୀବ ଜଗତ ସହିତ ମଣିଷ ବି ସାଙ୍ଘାତିକ ରୋଗରେ ଶିକାର ହୋଇଥାଏ । କେବେ କେବେ ମଣିଷ ଜଳ ସହିତ ପ୍ରତ୍ୟେକ୍ଷ ତ କେତେବେଳେ ପରୋକ୍ଷ ସଂସ୍ପର୍ଶରେ ଆସି ଦୂଷିତ ଜଳ ବ୍ୟବହାର କରିବାକୁ ବାଧ୍ୟ ହୁଏ । ଯଦି ଜାଣି ସୁଦ୍ଧା ଏହି ଦୂଷିତ ଜଳ ବ୍ୟବହାରରୁ ବିରତ ହୁଏ, ଖାଦ୍ୟ ଶୃଙ୍ଖଳର ଶୀର୍ଷରେ ରହୁଥିବାରୁ ନିଜ ଅଜାଣତରେ ଏହି ରାସାୟନିକ ପଦାର୍ଥ ବ୍ୟବହାର କରିଥାଏ । ଫଳରେ କର୍କଟ ଭଳି  ମାରାତ୍ମକ ରୋଗର ଶିକାର ହୋଇଥାଏ । କେବଳ ଏତିକି ନୁହେଁ ଖାଦ୍ୟ ଶୃଙ୍ଖଳରେ ଗୋଟିଏ ଆଉ ଏକ ମାଧ୍ୟମ ଉପରେ ନିର୍ଭରଶୀଳ ହୋଇଥାଏ । ଏହାଦ୍ୱାରା ପ୍ରତ୍ୟେକସ୍ତରର ଜୀବଜନ୍ତୁ ମଧ୍ୟ ମାରାତ୍ମକ ରୋଗର ଶିକାର ହେବା କିଛି ନୂଆ ନୁହେଁ ।

## ଜୈବିକ ଓ ଅଜୈବିକ ଆବର୍ଜନା

ପାର୍ବଣ ପାଇଁ କେବଳ କାଦୁଅ କି ମାଟିର ମୂର୍ତ୍ତି ନୁହେଁ, ଅନେକ ପ୍ରକାର ଜୈବିକ ପଦାର୍ଥର ସାହାଯ୍ୟ ନେବାକୁ ପଡ଼ିଥାଏ । ପୂଜାରେ ବ୍ୟବହାର କରାଯାଉଥିବା ଫୁଲ, ଧୂପ, କର୍ପୂର ଆଦି ପାଣିରେ ମିଶିବା ଦ୍ୱାରା ପଚିସଢ଼ି ବ୍ୟାକ୍ଟେରିଆଙ୍କର ଆଶାତୀତ ବୃଦ୍ଧି ଘଟିଥାଏ । ଏହା ଆବଶ୍ୟକୀୟ ପରିମାଣରୁ ଅଧିକ ହେବା ଫଳରେ ଜଳରେ ଅମ୍ଳଜାନ ପରିମାଣ କମ ହୋଇଥାଏ । ଏହି ବ୍ୟାକ୍ଟେରିଆମାନେ ଜଳରୁ ଅମ୍ଳଜାନ ଶୋଷି ନେଇଥାନ୍ତି । ଫଳରେ ଜଳ ଭିତରେ ଦ୍ରବୀଭୂତ ଅମ୍ଳଜାନରେ ବଞ୍ଚୁଥିବା ମାଛ ଭଳି ଜୀବମାନେ ମୃତ୍ୟୁମୁଖରେ ପଡ଼ନ୍ତି । ଏହାଦ୍ୱାରା ଜଳ ଆହୁରି ଦୂଷିତ ହେବା ସହ ମଣିଷର ଦରକାରରେ ଆସୁଥିବା ଜୀବମାନେ ପ୍ରାଣତ୍ୟାଗ କରିଥାନ୍ତି ।

ଅଜୈବିକ ଆବର୍ଜନା ମଧ୍ୟରେ ଜରି, ଥର୍ମୋକଲ, ପ୍ଲାଷ୍ଟର ଅଫ ପାରିସ୍ ପ୍ରଭୃତି ବିଘଟନ ହୋଇ ପାରୁ ନଥିବାରୁ ପରିବେଶକୁ ପ୍ରଦୂଷିତ କରିଥାନ୍ତି । ଜୈବିକଠାରୁ ଅଜୈବିକ ପଦାର୍ଥଗୁଡ଼ିକ ପରିବେଶ ପାଇଁ ବେଶ ହାନିକାରକ ବୋଲି ଏବେ ପ୍ଲାଷ୍ଟିକକୁ ସେଥିପାଇଁ ବ୍ୟାନ କରାଯାଇଛି ।

ପ୍ରଦୂଷଣ ବୋର୍ଡ଼ର ଏକ ରିପୋର୍ଟ ଅନୁସାରେ ହୁଗୁଳି ନଦୀରେ ବିସର୍ଜନ ହେଉଥିବା ୧୫ ହଜାରରୁ ଅଧିକ ମେଢ଼ ବିସର୍ଜନ ହେଉଥିବା କାରଣରୁ ୧୭ ଟନ୍ ବାର୍ନିସ, ୩୨ଟନ୍ କୃତ୍ରିମ ରଙ୍ଗ ମିଶିବା ଫଳରେ ଜଳ ପ୍ରଦୂଷିତ ହୋଇଥାଏ । ଏହାବ୍ୟତୀତ ଜଳରେ ଭାରୀଧାତୁ, ଗ୍ରୀଜ ଓ ତେଲ ମଧ୍ୟ ଆହୁରି ହାନିକାରକ ହୋଇଥାଏ । ପାର୍ବଣ ସମୟରେ ପ୍ରାୟ ସତୁରି ବିଲିୟନ ଲୋକ ଗଙ୍ଗାରେ ବୁଡ଼ ପକାଇବା ସହିତ ବିଭିନ୍ନ ପ୍ରକାର ଆବର୍ଜନା ଯଥା ଖାଦ୍ୟ, ଫୁଲ, ପତ୍ର ଓ ଅନ୍ୟାନ ପୂଜା ସାମଗ୍ରୀ ଥାଆନ୍ତି । ଯାହାଦ୍ୱାରା ଗଙ୍ଗାର ଜଳ ଦୂଷିତ ହେଉଥିବା ସହିତ ମେଢ଼ ବିସର୍ଜନ ମଧ୍ୟ ଆଉ ଏକ ସମସ୍ୟା ହୋଇ ଛିଡ଼ାହୋଇଛି ।

## ଆତସବାଜି ଓ ବାଣ

ପାର୍ବଣରେ ଆତସବାଜି ଓ ବାଣର ବ୍ୟବହାର ମଧ୍ୟ କମ୍ ନୁହେଁ । ଏହାଦ୍ୱାରା ସଲ୍ଫର ଅକ୍ସାଇଡ଼, ନାଇଟ୍ରୋଜେନ ଡ଼ାଇଅକସାଇଡ଼, କାର୍ବନ ମନୋଅକ୍ସାଇଡ଼ ଆଦି ନିର୍ଗତ ହୋଇ ବାୟୁରେ ମିଶିବା ଦ୍ୱାରା ବାୟୁ ପ୍ରଦୂଷିତ ହୋଇଥାଏ । ଫଳରେ ମଣିଷ ଏହି ପ୍ରଦୂଷିତ ବାୟୁଦ୍ୱାରା କର୍କଟ, ଆଜ୍ମା, ବ୍ରୋଙ୍କାଇଟିସ୍ ଆଦି ରୋଗ ସୃଷ୍ଟି ହୋଇଥାଏ । ଏହା ମଧ୍ୟ ଛୋଟପିଲାଙ୍କ ଉପରେ ଅଧିକ ପ୍ରଭାବ ପକାଇଥାଏ ।

## କାନଫଟା ଶବ୍ଦ

ପାର୍ବଣରେ ମାଇକ, ଲାଉଡ଼ ସ୍ପିକର, ଡ଼ିଜେ ବଜାଇବା ପାଇଁ ମନାନାହିଁ । କିନ୍ତୁ ଏହା ଯଦି ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତାହା ମଣିଷ ସମାଜ ପାଇଁ କ୍ଷତି ନିଶ୍ଚୟ। ନିୟମାନୁସାରେ ୬୫ ଡେସିବଲ୍‌ରୁ ଅଧିକ ଶବ୍ଦରେ କୌଣସି ଡ଼ାକବାଜି କିମ୍ବା ତଦନୁରୂପ ଶବ୍ଦ ଉତ୍ପତ୍ତିକାରୀ ଯନ୍ତ୍ର ବ୍ୟବହାର କରିବା କଥା ନୁହେଁ । ଆଜିକାଲି ପାର୍ବଣକୁ ଆହୁରି ଟିକେ ରଙ୍ଗିଲା କରିବାକୁ ଶହେରୁ ଅଧିକ ଡେସିବଲ୍‌ରୁ ଅଧିକ ଶବ୍ଦ ବ୍ୟବହାର କରିବା ନିହାତି ଭାବରେ ପରିବେଶ ପ୍ରତି ପ୍ରଭାବ ପକାଉଛି। ଏହି ଡେସିବଲ୍ ହେଉଛି ତୀବ୍ରତାର ପରିମାପକ ଯାହା ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିଲେ ସୁଦ୍ଧା କେହି ମାନିବାକୁ ନାରାଜ। ଏହା ସିନା ମନୋରଞ୍ଜନ ପାଇଁ ବ୍ୟବହାର କରାଯାଇପାରିଲା, କିଛି ଲୋକଙ୍କ ଜୀବନ ଉପରେ ମଧ୍ୟ ପ୍ରଭାବ ପକାଉଥିବାର ଦେଖାଯାଇଛି। ଅଧିକ ଧ୍ୱନି ଯୋଗୁଁ ଶ୍ରବଣ ଶକ୍ତି ହ୍ରାସ, ଉଚ୍ଚ ରକ୍ତଚାପ,ହୃଦଘାତ, ଅନିଦ୍ରା, ମାନସିକ ଅବସାଦ ସୃଷ୍ଟି କରେ।



## ବିଶ୍ୱତାପନ

ପାର୍ବଣ ସମୟରେ ଅଧିକ ବିଜୁଳି ଖର୍ଚ୍ଚ ହୁଏ । ଏହି ବିଜୁଳି ଅଧିକାଂଶ ତାପଜ ବିଦ୍ୟୁତ କେନ୍ଦ୍ରରୁ ଆସିଥାଏ। ତାପଜ ବିଦ୍ୟୁତ କେନ୍ଦ୍ରରେ ଏଥିପାଇଁ ଅଧିକ କୋଇଲା ବ୍ୟବହାର ଫଳରେ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳ ଗ୍ୟାସ୍ ବାୟୁମଣ୍ଡଳରେ ମିଶେ। ଫଳରେ ଏହାଦ୍ୱାରା ବାୟୁ ପ୍ରଦୂଷିତ ହେବା ସହିତ ତାପମାତ୍ରା ମଧ୍ୟ ବୃଦ୍ଧି ଘଟିଥାଏ। ଏହା ବ୍ୟତୀତ ପୂଜାମଣ୍ଡପରେ ଅଧିକ ହାଇମାକ୍ସ ଲାଇଟ୍ ବ୍ୟବହାର ଫଳରେ ମଧ୍ୟ ତାପମାତ୍ରା ମଧ୍ୟ ବାୟୁମଣ୍ଡଳରେ ବୃଦ୍ଧି ଘଟାଇଥାଏ।

## ଭିଡ଼ରେ ଆକ୍ତାମାକ୍ତା

ପାର୍ବଣ ସମୟରେ ଟ୍ରାଫିକ୍ ସମସ୍ୟା ବହୁଳ ଭାବରେ ଦେଖାଯାଇଥାଏ। ଏହାଦ୍ୱାରା ଅନେକ ଦୁର୍ଘଟଣା ଘଟି ପ୍ରାଣହାନି ଘଟିବା ସହ ରାସ୍ତାଘାଟ ଜାମ୍ ଥିବା କାରଣରୁ ଡ଼ାକ୍ତରଖାନା ଯାଉଥିବା ଗୁରୁତର ରୋଗୀମାନେ ମଧ୍ୟ ଏହାର ଶିକାର ହୁଅନ୍ତି। ଲୋକେ ଉତ୍ସବ ମନାଇବା ବେଳେ ଅନେକ ଲୋକ ମଧ୍ୟ ମୃତ୍ୟୁର ଶିକାର ହୁଅନ୍ତି। ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଗାଡ଼ି ଜାମ ହୋଇ ରହିବା କିମ୍ବା ଟ୍ରାଫିକ୍ ପୋଷ୍ଟରେ ଷ୍ଟାର୍ଟରେ ରହିବା ଦ୍ୱାରା କୋଟି କୋଟି ଟଙ୍କାର ଇନ୍ଧନ ପୋଡ଼ିବା ସହ ଯେଉଁ ଅଙ୍ଗାରକାମ୍ଳ ଗ୍ୟାସ ବାୟୁମଣ୍ଡଳକୁ ଛାଡ଼ି ଥାଏ, ସେହି କ୍ଷତିର ଭରଣାକୁ ହିସାବ କରିବା ମଧ୍ୟ ମୁସ୍କିଲ୍। ପାର୍ବଣରେ ଟ୍ରାଫିକ୍ ସମସ୍ୟା ପାଇଁ ଅନେକ ସମୟରେ ଦେଶର ଜରୁରିକାଳୀନ ସେବା ବାଧାପ୍ରାପ୍ତ ହୁଏ।



## ଏବେ ବି ଚାଲିଛି ବଳି ପ୍ରଥା

ପାର୍ବଣ ସମୟରେ ଅନେକ ସ୍ଥାନରେ ବଳି ପ୍ରଥାର ପରମ୍ପରା ରହିଛି। ଆଧୁନିକ ସମାଜରେ ଏହାକୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଭାବରେ ଗଣାହେଉଥିଲେ ବି ମଣିଷ କିନ୍ତୁ ଏହାକୁ କାଏମ ରଖିଛି। ଅନେକ ସ୍ଥାନରେ ବଳି ପ୍ରଥାକୁ ସାଧାରଣ ଲୋକଙ୍କ ସମର୍ଥନ ରହୁଥିବା କାରଣରୁ ପ୍ରଶାସନ ଯେତେ ନିୟମ କଲେ ବି ବିଫଳ ହୋଇଛି। ଏହା କିନ୍ତୁ ସାମାଜିକ ବ୍ୟବସ୍ଥା ପାଇଁ କଳଙ୍କ ସଦୃଶ। ଆଜି ବି ସେମିତି ଅନେକ ବିରୋଧ, କଟକଣା ସତ୍ତ୍ୱେ ବି ରକ୍ତରଞ୍ଜିତ ମାଣିକେଶ୍ୱରୀ ପୀଠ। ଭାରତର ଏମିତି ଅନେକ ସ୍ଥାନ ରହିଛି, ଯେଉଁଠି ଶୂଳିର ପରମ୍ପରା ଅବ୍ୟାହତ ରହିଛି।

## ଭକ୍ତି କମ୍ ଭାଣ୍ଡାମୀ ଅଧିକ

ପାର୍ବଣ ନାଁରେ ମଧ୍ୟ ସମାଜରେ ସାଂସ୍କୃତିକ ଅବକ୍ଷୟ ଘଟିଛି। ଏହି ଘଟଣା ଅନେକ ଶିକ୍ଷିତ, ସଂସ୍କୃତିପ୍ରେମୀ, ବୁଦ୍ଧିଜୀବୀଙ୍କୁ ମଧ୍ୟ ଆଘାତ ଦେଇଛି। ପାର୍ବଣ ନାଁରେ ଉଦ୍ଦଣ୍ଡ ନୃତ୍ୟ ପରିବେଷଣ, ମେଲୋଡ଼ିରେ ଅଶ୍ଳୀଳ ନୃତ୍ୟ, ଡ଼ିଜେ ବଜାଇ ଦ୍ୱିଅର୍ଥକବୋଧ ଗୀତର ତାଳେ ତାଳେ ଝୁମିବା ବଡ଼ ଅସହ୍ୟ ହୋଇପଡ଼ିଛି। ଲୋକଙ୍କ ମନରେ ଭକ୍ତି ଭାବନା କମ ବରଂ ମନୋରଞ୍ଜନର ଖୋରାକ ଏହିସବୁ ମାଧ୍ୟମ ଯୋଗାଇ ପାରିଛି। ସବୁଠୁ ବଡ଼ ବ୍ୟାଘାତ ହେଉଛି ଭସାଣି ପରମ୍ପରା, ଯାହା ଫଳରେ କାନଫଟା ଡିଜେ ସାଉଣ୍ଡ ଓ ଅଶ୍ଳୀଳ ଗୀତରେ ନାଚିବାକୁ ମହିଳାମାନେ ବି ଦ୍ୱିଧାବୋଧ କରୁନାହାନ୍ତି। ଏହାଦ୍ୱାରା ଆମେ ଆମର ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇଛେ, ତାହା ତ ସତ କିନ୍ତୁ ଆମର ପରବର୍ତ୍ତୀ ପିଢ଼ିକୁ ସଂସ୍କାର ଶିଖାଇବାକୁ ଆଉ ଆମପାଖରେ କିଛି ରାହା ରହିବ ନାହିଁ। ପାର୍ବଣ ଭକ୍ତି ନୁହେଁ ବରଂ ଉପଭୋଗର ମାଧ୍ୟମ ପାଲଟିଯାଇଛି।

## ପଡ଼ିଆ ହୁଏ ଅଲୋଡ଼ା

ସବୁଠୁ ବଡ଼ ଦୁଃଖର କଥା ହେଲା, ସ୍ୱଚ୍ଛ ଭାରତର ଡ଼ିଣ୍ଡିମ ପିଟୁଥିବା ବିଭିନ୍ନ ବ୍ୟକ୍ତି, ସଂଗଠନ କିନ୍ତୁ ଏହି ଦିଗରେ ସଚେତନ ନୁହନ୍ତି। ନା ପୂଜା କମିଟି ନା ସାଧାରଣଲୋକ.. କେହି ବି ଏଦିଗରେ ସଚେତନ ହେଉନାହାନ୍ତି। ପାର୍ବଣ ସମୟରେ ପୂଜା ପ୍ରକ୍ରିୟାକରଣ ନିମନ୍ତେ ବ୍ୟବହାର ଜିନିଷ ଠାରୁ ପୁଣି ମେଳାରେ ଖାଦ୍ୟପଦାର୍ଥର ଅଇଁଠା ପ୍ଲେଟ୍, କପ, କାଗଜ, ଠୁଙ୍ଗା, ପଲିଥିନ ସବୁ ଗଦା ହୋଇ ପଡ଼ିଥିଲେ ବି କାହାର ନଜର ଏଥିପ୍ରତି ନଥାଏ। ବାହା ସରିଲେ ବେଦୀ ମୁହଁ ପୋଡ଼ା ଭଳି ସମସ୍ତେ ଚାଲିଯାଇଥାନ୍ତି। ଜନଗହଳି ଆଉ ସିନା ନଥାଏ, ହେଲେ ଯେଉଁ ଆବର୍ଜନାର ପୋତି ପଡ଼ିଥାଏ ପଡ଼ିଆ, ତାକୁ ସଫାକରିବାକୁ କିନ୍ତୁ





କେହି ନଥାନ୍ତି। ପୁଣି ପାର୍ବଣ ଆସିବା ଯାଏ, ପଡ଼ିଆ ସେମିତି ପଡ଼ିଥାଏ ଅଲୋଡ଼ା।

### ଏମିତି ହୁଅନ୍ତୁ ନାହିଁ ସଚେତନତା

- ଯେଉଁ ପୂଜା କମିଟିମାନେ ରାସାୟନିକ ରଙ୍ଗ ବ୍ୟବହାର କରୁଛନ୍ତି ଯଦି ୱାଟର କଲର କିମ୍ବା ହର୍ବାଲ କଲର ବ୍ୟବହାର କରନ୍ତେ, ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ ।
- ମୂର୍ତ୍ତି ଗଢ଼ିବା ପାଇଁ ବହୁତ ଅନୁଷ୍ଠାନ ପ୍ଲାଷ୍ଟର ଅଫ୍ ପାରିସ ବ୍ୟବହାର କରିଥାନ୍ତି, ଏହା ବଦଳରେ ମାଟି ବ୍ୟବହାର କରିବା ଦରକାର। ମାଟିରେ ବ୍ୟବହାର କରାଯାଉଥିବା ନଡ଼ାକୁ ମଧ୍ୟ ମୂର୍ତ୍ତି ବିସର୍ଜନ ପରେ ପାଣିରୁ ଛାଣି ବାହାର କରିବା ଦରକାର।
- ପୂଜା ମଣ୍ଡପ ସଜାଇବା ପାଇଁ ବ୍ୟବହାର କରାଯାଉଥିବା ଥର୍ମୋକଲ୍ ବଦଳରେ ବରଂ ପ୍ରାକୃତିକ ସାଧନରୁ ମିଳୁଥିବା ସୋଲ ବ୍ୟବହାର କରିବା ଦରକାର।
- ମୂର୍ତ୍ତିକୁ ପିନ୍ଧାଇବା ପାଇଁ ପଲିଷ୍ଟର କିମ୍ବା ନାଇଲନ ଶାଢ଼ି ବ୍ୟବହାର କରିବା ବଦଳରେ କଟନ୍ କିମ୍ବା ସିଲକ ଶାଢି ବ୍ୟବହାର କରିବା ଦରକାର।
- ପ୍ଲାଷ୍ଟିକ ପ୍ଲେଟ୍ ବଦଳରେ କଦଳୀ ପତ୍ର, ଶାଳପତ୍ର କିମ୍ବା ମାଟିପାତ୍ର ବ୍ୟବହାର କରିବା ଜରୁରୀ।
- ମୂର୍ତ୍ତି ବିସର୍ଜନ କରିବାକୁ ନେଇ, ପୋଖରୀ ବ୍ୟବହାର କରିବା ବଦଳରେ କୃତ୍ରିମ ଜଳାଶୟ ବ୍ୟବହାର କରିବା ଜରୁରୀ।
- କମ୍ ଭୋଲ୍ଟେଜରେ ଚାଲୁଥିବା ଏଲଇଡି ଲାଇଟ ବ୍ୟବହାର କରିବା ଦରକାର।
- ଶବ୍ଦ ପ୍ରଦୂଷଣ ରୋକିବାକୁ କମ୍ ତୀବ୍ରତାର ସାଉଣ୍ଡ ବ୍ୟବହାର କରିବା ଦରକାର।
- କମ୍ ତୀବ୍ରତାର ସାଉଣ୍ଡ ବ୍ୟବହାର କରିବା ସହିତ ପାରମ୍ପରିକ ଗୀତ, ନୃତ୍ୟ କିମ୍ବା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରିବା ଦରକାର।
- ମୂର୍ତ୍ତି ବିସର୍ଜନ ପରେ ବ୍ୟବହାର ହୋଇଥିବା ଫୁଲ, ପତ୍ର, ନଡ଼ା କିମ୍ବା ଅନ୍ୟାନ୍ୟ ଜିନିଷ ପାଣିରୁ ଛାଣିବା ସହ ପୋଡ଼ି ପକାଇବା ଦରକାର।
- ପୂଜାମଣ୍ଡପ କିମ୍ବା ମନୋରଞ୍ଜନ ପାଇଁ କରାଯାଇଥିବା ପେଣ୍ଡାଲକୁ ଏପରି ସ୍ଥାନ ନିରୂପଣ କରିବା ଦରକାର ଯାହା ଗହଳି କମାଇବା ସହ ଟ୍ରାଫିକ୍ ବ୍ୟବସ୍ଥା ପ୍ରଭାବିତ ନହେବା ଦରକାର ।
- କର୍ମକର୍ତ୍ତାମାନେ ଭିଡ଼ ନିୟନ୍ତ୍ରଣ ସହ ପରିବେଶ ପ୍ରଦୂଷିତ ନକରିବାକୁ ସଚେତନ କରିବା ଦରକାର ।

## ମନକୁ ଆସିଲା ଯାହା

# ଓଡ଼ିଶାରେ ଦାଣ୍ଡିଆ ବିପ୍ଳବ..!!



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଏଥର ଆପଣ ଗରବା ନାଚିଛନ୍ତି ନା.. ଅଥବା ଏଥର ଆପଣ ଦାଣ୍ଡିୟା ଖେଳିଛନ୍ତି ନାଁ..!! ଏସବୁ ପ୍ରଶ୍ନ ଆଗରୁ ଶୁଣିବାକୁ ମିଳୁ ନଥିଲା। ଏବେ କିନ୍ତୁ ଏହା ଏକ ସାଧାରଣ କଥାରେ ପରିଣତ ହୋଇସାରିଛି ବୋଲି ଧରି ନିଆଯାଇପାରେ। ଯଦି ପାଞ୍ଚ ବର୍ଷ ତଳେ ଆପଣ କାହାକୁ ପଚାରିଥାନ୍ତେ, ତାଙ୍କ ପୁଅ ଦେହସାରା କୁନିକୁନି ଆଇନା ଲାଗିଥିବା କୁର୍ତ୍ତା ପିନ୍ଧି, ଯାହା ଦଶହରା ମେଢ଼ର ଲାଇଟ୍ ଠାରୁ ବି ଅଧିକ ଚମକୁଛି, ତିନି ଘଣ୍ଟା ଧରି ଗୋଲ ଗୋଲ ବୁଲୁଛି, ବିନା କୌଣସି ଭୂତପ୍ରେତ ଲାଗିବାରେ, ସେ ନିଶ୍ଚୟ ପଚାରିଥାନ୍ତେ ଆପଣ କେଉଁ ବ୍ରାଣ୍ଡର ଦେଶୀ ମଦ ପିଇଛନ୍ତି..!! କିନ୍ତୁ ସ୍ୱାଗତ କରନ୍ତୁ ୨୦୨୬ର ଓଡ଼ିଶାକୁ। ଏବେର ନୂଆ ଟ୍ରେଣ୍ଡ, ଦାଣ୍ଡିୟା ନାଇଟ। ଯେ ପୁଣି ଖାଲି ପ୍ରବେଶ କରିନାହିଁ, ବରଂ ଛତୁ ଫୁଟିଲାପରି ସବୁଆଡେ ଛାଇ ଗଲାଣି।

ଭୁବନେଶ୍ୱରର ପଞ୍ଚତାରକା ହୋଟେଲର ବିଶାଳ ଘାସଗାଲିଚା ଠାରୁ ଆରମ୍ଭ କରି ବାଲେଶ୍ୱର କି ବରଗଡ଼ର କେଉଁଏକ ଅନାମଧେୟ କଲେଜ ପଛର ସଦ୍ୟସଫା କରାଯାଇଥିବା ଧାନବିଲ, ଯାହାକୁ ଏବେ 'ଗରବା ଗ୍ରାଉଣ୍ଡ' ବୋଲି ନୂଆ ନାମ ମିଳିଛି। ଆମରାଜ୍ୟ ଗୋଟିଏ ନୂଆ ପର୍ବ ଖୋଜି ପାଇଛି। ଆମ ପାଖରେ ଆଗରୁ କେଉଁ ପର୍ବ କମ ଥିଲା କି ? ଆମ ପାଖରେ ଦୁର୍ଗାପୂଜା ଥିଲା, କୁମାର ପୂର୍ଣ୍ଣିମା ଥିଲା, କାର୍ତ୍ତିକ ପୂର୍ଣ୍ଣିମା, ଧନୁଯାତ୍ରା, ବାଲିଯାତ୍ରା, ନୂଆଖାଇ, ରଜ ପୁଣି ଅନେକ ଘରୋଇ ପର୍ବ, ଯେମିତିକି ଦୂରସମ୍ପର୍କୀୟ ଭାଇର ବ୍ରତଘର କି ବାହାଘର, ଯେଉଁଠି ସାରାରାତି ଅନିଦ୍ରା ହୋଇ ଉଚ୍ଚାଙ୍ଗ ସଂଗୀତର ତାଳେତାଳେ ଝୁମିବାକୁ ବି ଆମେ ଉପଭୋଗ କରୁ। ତଥାପି ଆମେ ଆଉ ଗୋଟିଏ ନୂଆପର୍ବ ପାଇଁ ଜାଗା ବାହାରକଲୁ। କାରଣ ଓଡ଼ିଆଙ୍କ ପାଇଁ ସବୁବେଳେ ଉତ୍ସବ ମନେଇବାର ବାହାନା ଦରକାର। ଯଦି ମାଗଣା ଏଣ୍ଟ୍ରି, ଜୋର ସଙ୍ଗୀତ ଆଉ ନୂଆ ପୋଷାକ ପିନ୍ଧିବାର ମଉକା ମିଳୁଛି, ମନାକରିବା କାହିଁକି..!!

ପରମ୍ପରା ଅନୁସାରେ ଓଡ଼ିଶାରେ ମା ଦୁର୍ଗାଙ୍କର ନବଦିନାତ୍ମକ ପୂଜା ଏକ ଗମ୍ଭୀର, ଭକ୍ତିମୟ ବ୍ୟାପାର ଥିଲା। ଲୋକେ ଉପବାସ କରନ୍ତି, କଟକ ଚଣ୍ଡୀ କିମ୍ବା ଅନ୍ୟକେଉଁ ମନ୍ଦିର ଯାଆନ୍ତି। ଜାଗେ ଜାଗେ ଦୁର୍ଗାପୂଜା ପେଣ୍ଡାଲ ସହ ତୋରଣ ତିଆରିହୁଏ। କାହାର କେତେବଡ଼ ହେବ ତାକୁ ନେଇ ସାହି ସାହି ଭିତରେ ଅଲିଖିତ ପ୍ରତିଯୋଗିତା ଚାଲେ। ବଙ୍ଗୀୟ ସଂସ୍କୃତିରେ କଲିକତା ଦୁର୍ଗାପୂଜା (କ୍ଷମା କରିବେ.. ପୂଜୋ) ପରେ ଆସେ ଆମ କଟକର ଦୁର୍ଗାପୂଜା। ଏବେତ' ଭୁବନେଶ୍ୱର ସମେତ ଚାରିଆଡ଼େ ମେଢ଼ ତିଆରି ହଉଛି। ଗରବା କି ଦାଣ୍ଡିୟା ବୋଲି ଜିନିଷ ଆମେ କେବଳ ଟିଭିର ଷ୍ଟାରପ୍ଲସ ଚ୍ୟାନେଲରେ ଦେଖୁଥିଲୁ, ଯେତେବେଳେ ଘରର ସ୍ତ୍ରୀଲୋକମାନେ ଏକାଠି ବସି ଶାଶୁବୋହୂ ସିରିଏଲ ଦେଖୁଥିଲେ। ତା'ପରେ ତିନୋଟି ଜିନିଷ ଏକାସାଙ୍ଗେ ହେଲା: ଇନଷ୍ଟାଗ୍ରାମ ରିଲ୍ସ, ବାହାଘର ସିଜନ ପରେ କିଛି କାମ ନଥିବା ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ, ଆଉ ହଠାତ ଆମାଜନ/ଫ୍ଲିପକାର୍ଟ କି ମିନ୍ତ୍ରାରେ ୫୦% ରିହାତିରେ ମିଳୁଥିବା ଗୁଜରାଟୀ ଚନିୟା ଚୋଲିର ଅତ୍ୟଧିକ ଷ୍ଟକ ବଜାରକୁ ଆସିଯିବା।

ଭୁବନେଶ୍ୱରର ପ୍ରଥମ ସଠିକ ଡାଣ୍ଡିଆ ନାଇଟ ୨୦୧୫ ମସିହାରେ ଏକ ଅଜବ ଦୃଶ୍ୟ ଥିଲା। ପ୍ରାୟ ୨୦୦ ସରିକି ଗୁଜରାଟୀ ପରିବାର, ୫୦୦ ଇଞ୍ଜିନିୟରିଂ ଛାତ୍ର ଯେଉଁମାନେ ନିଜ କଲେଜ କ୍ୟାମ୍ପସ ବାହାରେ, କେହି ନଦେଖିବା ବେଳେ ଝିଅମାନଙ୍କ ସହ କଥା ହେବାର ବାହାନା ଖୋଜୁଥିଲେ, ଆଉ ଜଣେ ଅତି ଦ୍ୱନ୍ଦ୍ୱରେ ଥିବା କଟକର ଢୋଲିଆ ଯିଏ ବାରମ୍ବାର ମନାକରିବା ସତ୍ତ୍ୱେ ବି ଯାତ୍ରାତାଳକୁ ମାଡ଼ିଚାଲିଯାଉଥିଲା। ଏହା ଏକାବେଳେକେ ସୁପରହିଟ ହେଲା। କାରଣ ଏହା ଗୋଟିଏ ବହୁତ ବଡ଼ସମସ୍ୟାର ସମାଧାନ କରିଦେଲା। ନବରାତ୍ରୀରେ କଣ କରିବ ଯେତେବେଳେ ତମେ ଏତେ ଛୋଟ ନୁହେଁ ଯେ ମୁରବୀ ମାନଙ୍କସହ ବସି ସମ୍ପୂର୍ଣ୍ଣ ଚଣ୍ଡୀପାଠ ଶୁଣିବ, ଆଉ ଏତେ ବଡ଼ ବି ନୁହେଁ ଯେ, ବାପା-ମା'ଙ୍କ ସହ ରିକ୍ସାରେ ବସି ପେଣ୍ଡାଲ ବୁଲିବ ? ସମାଧାନ : ତମେ ଦାଣ୍ଡିୟା କର।

ବାସ୍ତବରେ, ପ୍ରକୃତ ଗୁଜରାଟୀ ଗରବା ଏକ ପରମ୍ପରାଗତ ନିଖୁଣ ଜିନିଷ। ଗୋଲ ଭିତରେ ପୁଣି ଏକ ଗୋଲ, ତାଳରେ ବାଜୁଥିବ ତାଳି, ହାତପାଦର ଛନ୍ଦରେ ଥିବ ଲାଳିତ୍ୟ। ଓଡ଼ିଆ ଦାଣ୍ଡିୟା ନାଇଟ୍ ହେଉଛି ଗୁଜରାଟ, ପଞ୍ଜାବ ଏବଂ ପଶ୍ଚିମ ଓଡ଼ିଶା ମଧ୍ୟରେ ଏକ ସୁନ୍ଦର ଅଥଚ ଗୋଳମାଳିଆ ମିଶ୍ରଣ। ଯାକୁ ଆପଣ ଗରବାର ଓଡ଼ିଆକରଣ କହିପାରନ୍ତି। ଏଠି ସଙ୍ଗୀତ ହେଉଛି ପ୍ରଥମ ଛଳନା। ଭଡ଼ାରେ ଆସିଥିବା କାମଚଳା ଡିଜେ ଆରମ୍ଭ କରିବେ ଫାଲଗୁନୀ ପାଠକଙ୍କ କଣ୍ଠରେ ଗୁଜୁରାତି ଗରବା ସଙ୍ଗୀତ। ସେଥିରେ ପୁଣି ମିଶିବ 'ଢୋଲିଡାରୋ' କି 'ଉଡ଼ିଉଡ଼ି ଯାଏ' ପରି ବଲିଉଡ଼ର ଉତ୍ସାହବର୍ଦ୍ଧକ ଗୀତସବୁ। କିଛି ସମୟପାଇଁ ରୂଢ଼ିବାଦୀ ଓ ଶୁଦ୍ଧତାବାଦୀମାନେ ଖୁସି। ତା'ପରେ ଆରମ୍ଭ ହବ ଅସଲ ଖେଳ, କାରଣ ସାମ୍ନାରେ ଥିବା ଭିଡ଼ରେ ୭୦%ରୁ ଅଧିକ ଇଞ୍ଜିନିୟରିଂ କଲେଜ ପିଲା ଏବଂ ସେମାନେ ଶକ୍ତି ହରାଉଛନ୍ତି ଯେ..!! ତେଣୁ ଆରମ୍ଭ ହେବ 'ରଙ୍ଗବତୀ'। ଏଥର ଆଉ ଓଡ଼ିଆଙ୍କୁ ସମ୍ଭାଳେ କିଏ, ଭିଡ଼ ପାଗଳ ହୋଇଯାଏ। ଜଣେ ସାଧାରଣ ଓଡ଼ିଆ ପାଇଁ 'ରଙ୍ଗବତୀ'ର ପ୍ରଥମ ବଂଶୀସ୍ୱର ଶୁଣିବା ଠାରୁ ଅଧିକ ଶକ୍ତିଶାଳୀ ଆଉ ଦୁନିଆଁର କୌଣସି ଶକ୍ତି ନାହିଁ। ନାଚିବେନି, କେବଳ ଦେଖିବାକୁ ଆସିଥିବା ଖୁଡ଼ୀ କି ମା'ମଧ ଅନିଚ୍ଛା ସତ୍ତ୍ୱେ କାନ୍ଧ ହଲାଇବେ। ତେଣୁ ଏକ ଅଜବଦୃଶ୍ୟ ତିଆରିହୁଏ ଯେଉଁଠି ଅଧା ଗୋଲ ଗରବା ନାଚର ଷ୍ଟେପ କରୁଛି ଏବଂ ଅନ୍ୟଅଧା ହଠାତ ସମ୍ବଲପୁରୀ ଲୋକନୃତ୍ୟ ଗୋଲରେ ପରିଣତ ହୋଇଯାଇଛି। ଢୋଲିଆ ଏବେ ସମ୍ପୂର୍ଣ୍ଣ ଦ୍ୱନ୍ଦ୍ୱରେ, ସେ କେବଳ ଯାହା ପାଉଛି ବାଡ଼ିକୁ ଢୋଲରେ ପିଟୁଛି।

ତା'ପରେ, ରାତି ୯ :୩୦ରେ, ଆସିବ ବାଧ୍ୟତାମୂଳକ ଭୁବନେଶ୍ୱର ସ୍ପେଶାଲ ଡିଜେ ଟୁଇଷ୍ଟ 'ରଙ୍ଗେଇଲୁଣ୍ଡା...'ନହେଲେ 'ଭୋଜପୁରୀ ମିଶା ଓଡ଼ିଆ ରିମିକ୍ସଗୀତ'। ଏବେ ଏହା ଆଉ ଦାଣ୍ଡିୟା ହୋଇ ରହିନାହିଁ, ବରଂ ପାଲଟିସାରିଛି ଦାଣ୍ଡିୟା-କମ-ଡିଜେ-କମ-ବରଯାତ୍ରୀ ନାଚ..!! ଏହି ସମୟରେ, ମଞ୍ଚ ଉପରେ ଥିବା ମା' ଦୁର୍ଗା ମଧ ଭାବୁଥିବେ ସେ ବୋଧେ କୁଆଡ଼େ ଭୁଲରେ ଚାଲିଆସିଛନ୍ତି। ଦାଣ୍ଡିୟା ପାଇଁ ସ୍ୱତନ୍ତ୍ର ପୋଷାକ ଏବଂ ସେଥିପାଇଁ ରୀତିମତ ଇଣ୍ଟରନେଟରେ ରିସର୍ଚ୍ଚ। ଝିଅମାନେ ୟୁଟ୍ୟୁବରେ ଅନ୍ୟୁନ ୫୦ଟି ଟ୍ୟୁଟୋରିଆଲ ଦେଖିସାରିଥିବେ। ସେମାନେ ବାଛିବାଛି ୭ କିଲୋ ଓଜନର ଲେହେଙ୍ଗା ଅର୍ଡର କରିଛନ୍ତି, ଯେଉଁଥିରେ ଲାଗିଥିବା କାଚ ଆଇନାଗୁଡିକୁ ଯୋଡ଼ି ସୌରଚୁଲା ତିଆରି କରିହେବ, ନଚେତ ବିମାନକୁ ସଙ୍କେତ ଦିଆଯାଇପାରିବ। ସେମାନେ ପାଞ୍ଚ ଘଣ୍ଟା ନାଚିବା ପାଇଁ ତିନି ଘଣ୍ଟା ମାନସିକ ଭାବେ ପ୍ରସ୍ତୁତ ହୋଇଛନ୍ତି। ଯେଉଁ ଗ୍ରାଉଣ୍ଡରେ ଧୂଳିଭର୍ତ୍ତି, ପଙ୍ଖା ନାହିଁ, ତେବେ ବି କିଛି ଅଭିଯୋଗ ନାହିଁ, ଖାଲି ଧାର ଆଣିଥିବା ଓଢଣୀରେ ମୁହଁ ଘୋଡେଇନେଲେ କଥା ସରିଲା।

ପୁଅମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ। ଗୋଟେ ବର୍ଗ, ନିଷ୍ଠାବାନ ଡାଣ୍ଡିଆ ନର୍ତ୍ତକ, ଟ୍ୟୁଟୋରିଆଲ ଦେଖି ପ୍ରାକ୍ଟିସ କରିଛି। ସେ ପ୍ରକୃତରେ ବିପଜ୍ଜନକ କାରଣ ସେ ନାଚମଝିରେ ପ୍ରତିଟି ଷ୍ଟେପରେ ତମକୁ ଶିଖାଇବାକୁ ଚେଷ୍ଟା କରିବ। ଆଉ ଗୋଟେବର୍ଗ, ପିନ୍ଧିଥିବ ସେଇ ପୁରୁଣା କୁର୍ତ୍ତା ଯାହା ସେ ତା' ମାଉସୀର ବାହାଘର ଓ ଭଉଣୀର ନିର୍ବନ୍ଧରେ ମଧ ପିନ୍ଧିସାରିଥିବ। ସେ ଦୁଇଟି କାରଣରୁ ଆସିଛି: ଗୋଟିଏ, ତା'ର ସାଙ୍ଗମାନେ ଆସିଛନ୍ତି ଏବଂ ଦୁଇ, ସନ୍ଧ୍ୟା ୭ଟା ପୂର୍ବରୁ ଆସିଲେ ମାଗଣା ଏଣ୍ଟ୍ରିର ସୁବିଧା। ସେ ଦାଣ୍ଡିଆ ବାଡିକୁ ଏପରି ଧରିଥିବ ଯେମିତି ଡ୍ରମଷ୍ଟିକ। ଧାନ ପିଟିବାର ଉତ୍ସାହରେ ସାଥୀର ବାଡିକୁ ପିଟୁଥିବ ଏବଂ ୧୦ ମିନିଟ ମଧ୍ୟରେ, ଗୋଟିଏ ବାଡି ଭାଙ୍ଗିସାରିଥିବ, ଓ ଅନ୍ୟଟି ଉଡିଯାଇ ଲାଇଟରେ ବାଜିସାରିଥିବ। ତା'ପରେ ସେ ବାକି ରାତି ଥଣ୍ଡାପାନୀୟ ଧରି ଗୁପଚୁପ ଷ୍ଟଲ ପାଖରେ ଛିଡା ହୋଇ ମଜା ନେଉଥିବାର ଅଭିନୟ କରୁଥିବ।

ଆଉ ଏକ ସ୍ପେଶାଲ ଗୋଷ୍ଠୀ, ଆଣ୍ଟି ଗ୍ୟାଙ୍ଗ। ଆଃ, ଏମାନେ ମୋର ଅତିପ୍ରିୟ। ସେମାନେ ଅନ୍ୟୁନ ଛଅଜଣିଆ ଗ୍ୟାଙ୍ଗରେ ଆସନ୍ତି। ପ୍ରଥମାର୍ଦ୍ଧରେ ସମାନ ସୂତାଶାଢୀ ପିନ୍ଧି, ତା'ପରେ ଭିତରୁ ବାହାରେ ସମାନ ଡିଜାଇନର ଚନିୟା ଚୋଲି। ସେମାନେ ମଝିଜାଗାକୁ ଏପରି ଅଧିକାର କରନ୍ତି ଯେମିତି ଏହା ସେମାନଙ୍କର ପୈତୃକ ସମ୍ପତ୍ତି। ଏହି ଡିଜେମାନେ ଜନ୍ମହେବା ପୂର୍ବରୁ ସେମାନେ କୁମାର ପୂର୍ଣ୍ଣିମାରେ ନିଜେ ଗୀତଗାଇ ସାରାରାତି ନାଚୁଥିଲେ। ସେମାନଙ୍କ ଷ୍ଟାମିନା ଆଜିର କଲେଜ ପିଲାଙ୍କୁ ଲଜ୍ଜିତ କରିବ ନିଶ୍ଚୟ। ସେମାନେ ସନ୍ଧ୍ୟା ୭ରୁ ୧୧ ପର୍ଯ୍ୟନ୍ତ ବିନା ବିରତିରେ ନାଚିପାରିବେ ଓ ତା'ପରେ ଘରକୁ ଯାଇ ପରିବାର ପାଇଁ ପୁଣି ରୋଷେଇ ବି କରିପାରିବେ। ଭୁବନେଶ୍ୱରରେ ଏବେ ଗଳିଗଳିରେ ଦାଣ୍ଡିୟା ନାଇଟ, ଯାହାର ଟିକେଟ ସର୍ବନିମ୍ନ ୩୦୦ ରୁ ୧୫୦୦ ଟଙ୍କା। ସେଥିରେ ଆପଣଙ୍କୁ ମିଳିବ, ମାଗଣା ପ୍ରବେଶ, ଦୁଇଟି ଦାଣ୍ଡିୟା ବାଡି ଯାହା ଆପଣ ଫେରାଇବାକୁ ପଡିବ ନଚେତ ୨୦୦ ଟଙ୍କା ଜରିମାନା, ପ୍ରଯୋଜକଙ୍କ ନାମ ଥିବା ଗୋଟିଏ ଛୋଟ ପାଣିବୋତଲ ଏବଂ ଅଚିହ୍ନା ଲୋକଙ୍କ ଠାରୁ ବହୁତସାରା ପ୍ରଶଂସା।

କିନ୍ତୁ ଦାଣ୍ଡିୟାର ପ୍ରକୃତ ଅର୍ଥନୀତି, ଏବେବି ବାହାରେ ବୁଲୁଛି। ସେ ଗୁପଚୁପ କି ମୋମୋବାଲା ଯିଏ କେବେ ଗରବା ଶୁଣି ନାହିଁ କିନ୍ତୁ ଜାଣେ ଯେ, ଆଜି ରାତିରେ ସେ ବାଲିଯାତ୍ରା ଠାରୁ ବି ଅଧିକ ବିକ୍ରି କରିବ। ସେ ଅଟୋ ଡ୍ରାଇଭର ଯିଏ ଦୁଇଗୁଣା ଭଡାମାଗୁଛି, କାରଣ ବାହାନା 'ଭାଇ,ଦାଣ୍ଡିୟା ନାଇଟ ଚାଲିଛି, ଟ୍ରାଫିକ ଭାରି ଭିଡ଼'। ସେ ମେହେନ୍ଦୀ କଳାକାର ଯିଏ ବାହାରେ ବସି ୫ ମିନିଟରେ ୧୫୦ ଟଙ୍କାରେ ଶସ୍ତା ଡିଜାଇନ କରେ ଯାହାକି ଆଗାମୀ ୧୫ ମିନିଟରେ ଝାଳ ଏବଂ ଟିକେଜୋର ତାଳିରେ ନିଶ୍ଚୟ ନଷ୍ଟ ହୋଇଯିବ। ଆଉ ଇନଷ୍ଟାଗ୍ରାମର ଅର୍ଥନୀତି, ତାକୁ ଭୁଲିଗଲେ ଚଳିବ କି..?? ଗୋଟିଏ ଝିଅ ସ୍ଲୋ-ମୋସନ ରିଲ୍ସ ନ କଲେ କୌଣସି ଦାଣ୍ଡିୟା ନାଇଟ ସମ୍ପୂର୍ଣ୍ଣ ବୋଲି ଗଣାଯିବନି। ରିଲ୍ସରେ ଅନ୍ୟୁନ ୮୦ ଲାଇକ, ପୁଅମାନଙ୍କ ୧୨୦ଟି କମେଣ୍ଟ 'ସୁନ୍ଦର ଦିଶୁଛ'..!!

ମୁଁ ଥରେ କଟକ ଦାଣ୍ଡିଆ ନାଇଟରେ ଜଣେ ପୁଅକୁ ଦେଖିଲି ଯିଏ ମୋଟେ ନାଚୁ ନଥିଲା। ସେ କେବଳ ଛିଡା ହୋଇ ତା' ପ୍ରେମିକା ନାଚୁଥିବାର ମୋବାଇଲରେ ଭିଡିଓ ବନାଉଥିଲା। ସେ ଦୁଇ ଘଣ୍ଟା ଧରି ଲଗାତାର ରେକର୍ଡ଼ିଂ କଲାପରେ ଫୋନ ଷ୍ଟୋରେଜ ସରିଗଲା, ହାତ ବିନ୍ଧିଲା, କିନ୍ତୁ ତା'ର ପ୍ରେମ ଅନ୍ତତଃ ବଞ୍ଚିଗଲା। ମୁଁ ଭାବିଲି ଏଇଟା ହେଉଛି ନବରାତ୍ରୀର ପ୍ରକୃତ ଆତ୍ମା। ଆମ ଗାଁରୁ ଜଣେ ଫୋନକଲା, 'ଭାଇ, ଭୁବନେଶ୍ୱରରେ ଗୋଟେ ଦାଣ୍ଡିୟା ଯାତ୍ରା ପଡ଼ିଛି ପରା, କିଏ ସବୁ ଅଛନ୍ତି.. ପିୟୁଷ ନା ଗୌର ଦାସ.. ସୁରେଶ ନା ବାପି ପଣ୍ଡା..!! ସେ ବୋଧେ ଦଣ୍ଡଯାତ୍ରା ପରି ଦାଣ୍ଡିୟା ଯାତ୍ରା ଭାବିଦେଇଥିଲା..!! ଆଉ ଜଣେ ତ' ଦାଣ୍ଡିୟା ବାଡ଼ି ବଦଳରେ ଦୁଇଟା ମସ୍ତବଡ଼ ମୂଷଳ ବାଉଁଶ ଠେଙ୍ଗା ଧରି ପହଞ୍ଚିଯାଇଥିଲା ଦାଣ୍ଡିୟା ଖେଳିବାକୁ..!!

ଏବର୍ଷ, ମୁଁ ପୁରୀର ଏକ ଦାଣ୍ଡିୟା ନାଇଟରେ ଜଣେ ୭୫ ବର୍ଷୀୟ ଅବସରପ୍ରାପ୍ତ ହେଡମାଷ୍ଟରଙ୍କୁ ନାଚୁଥିବାର ଦେଖିଲି। ମୁଁ ପଚାରିଲି, 'ସାର, ଆପଣ ଗରବା ନାଚ କେମିତି ଜାଣନ୍ତି ?' ସେ କହିଲେ, 'ମୁଁ ଜାଣେ ନାହିଁ। କିନ୍ତୁ ମୋ ନାତୁଣୀ ଆସିବାକୁ ଚାହୁଁଥିଲା, ତେଣୁ ମୁଁ ଆସିଗଲି। ଆଉ ଏବେ ମୋ ଆଣ୍ଠୁ ଚିତ୍କାର କରି କହୁଛି ମୁଁ ଏଠିକି ଆସିବା ଆଦୌ ଉଚିତ ନଥିଲା, କିନ୍ତୁ ମୋ ହୃଦୟ ଭିତରୁ କେହିଜଣେ କହୁଛି, ବାସ, ଆଉ ଗୋଟିଏ ଗୀତ ପରେ ଚାଲିଯିବା..!!'

ସିଧା କଥାରେ, ଆମେ ଫ୍ୟାସନ ପାଇଁ ଆସିଥିଲୁ, ଢୋଲ ଆଉ ଖାଇବାପିଇବା ପାଇଁ ରହିଗଲୁ ଏବଂ ଧୂଳିରେ ଅଣନିଶ୍ୱାସୀ ହୋଇ ଆଣ୍ଠୁବିନ୍ଧା ଓ ଏକ ସ୍ମୃତିର ଭିଡିଓ ନେଇ ଘରକୁ ଫେରିଲୁ। ତେଣୁ ଯଦି ଆପଣ ଏହି ଅକ୍ଟୋବରରେ ଆପଣଙ୍କ ପାଖ ପଡିଆରୁ ଉଚ୍ଚାଙ୍ଗ ସଙ୍ଗୀତ ଶୁଣନ୍ତି ଏବଂ ଦେଖନ୍ତି ଶହ ଶହ ପୁରୁଷ ଓ ମହିଳା ଗୋଲଗୋଲ ଘୁରି ବାଡ଼ିଖେଳୁଛନ୍ତି ପୁଣି ଯେଉଁମାନେ ଦେଖିବାକୁ ଗରବା, ଦଣ୍ଡନାଚ, ଏବଂ ସ୍ଥାନୀୟ ଜିମରେ ଶିଖାଯାଇଥିବା ଏରୋବିକ ବ୍ୟାୟାମର ମିଶ୍ରଣକୁ ଅଭ୍ୟାସ କରୁଛନ୍ତି - ଆଦୌ ହସନ୍ତୁନାହିଁ। ବରଂ ସେମାନଙ୍କ ସହ ମିଶିଯାଆନ୍ତୁ। ବାଡି ମିଳିଯିବ ମାଗଣା। ଦାଗ ବି ମାଗଣାରେ ମିଳିଯାଇପାରେ। ସେଇଥିପାଇଁ ମୁଁ ନାଁ ଦେଇଛି, ଓଡ଼ିଶାର ଦାଣ୍ଡିୟା ବିପ୍ଳବ..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# କିଓ୍ୱି ଫେସିୟାଲ୍

**ମହିଳାମାନେ ବିଶେଷ ଉତ୍ସବ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରନ୍ତି। ତ୍ୱଚାକୁ ଉଜ୍ଜ୍ୱଳ କରିବାଠାରୁ ଆରମ୍ଭ କରି ପୋଷାକ, ଫେସିୟାଲ୍, ମେକଅପ୍ ଏବଂ ଅଳଙ୍କାର ପର୍ଯ୍ୟନ୍ତ। ସେହିଭଳି ଏହି ଫେଷ୍ଟିଭ୍ ଋତୁରେ ଘରେ ସହଜରେ କିଓ୍ୱି ଫେସିୟାଲ୍ କରିପାରିବେ। ବିଶେଷକରି କିଓ୍ୱିରେ ଭିଟାମିନ୍-ସି, ଇ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ। ଯାହା ତ୍ୱଚାକୁ ତୁରନ୍ତ ଗ୍ଲୋଇଙ୍ଗ, ଫ୍ରେଶ୍ ଏବଂ ଟାଇଟ କରିଥାଏ। ଏହି ଉତ୍ସବ ଅବସରରେ ଚେହେରାର ଗ୍ଲୋ ବଢ଼ାଇବା ପାଇଁ ଘରୋଇ ଉପଚାରରେ କିଓ୍ୱି ଫେସିୟାଲ୍ କରନ୍ତୁ।**





### କ୍ଲିଂଜିଂଗ

ପ୍ରକୃତରେ କ୍ଲିଂଜିଂଗ ମାଧ୍ୟମରେ ଚର୍ମରୁ ମଇଳା, ତେଲ ଏବଂ ଝାଳ ବାହାର କରିଥାଏ। ଏହି କାରଣରୁ ଚର୍ମ ସଫା ଏବଂ ସତେଜ ରହିଥାଏ। ଏହା ସହିତ ଡେଡ୍ ସ୍କିନ୍ ସେଲ୍ସଗୁଡ଼ିକ ଏକ୍ସଫୋଲିଏସନ୍ ମାଧ୍ୟମରେ ବାହାର କରାଯାଇଥାଏ। ଯେଉଁଥିପାଇଁ ଚର୍ମ ମଧ୍ୟ ନରମ ଏବଂ ଚିକଣ ଦେଖାଯାଏ। ଏକ ଚାମଚ କିଓ୍ୱି ରସ ସହିତ ଏକ ଚାମଚ ଆଲୋ ଭେରା ଜେଲ୍ ନେଇ ଏହାକୁ ଭଲ ଭାବରେ ମିଶାନ୍ତୁ। ତା'ପରେ ଏହାକୁ ମୁହଁରେ ଲଗାଇ ୨ମିନିଟ୍ ବୃତ୍ତାକାର ଗତିରେ ଧୀରେ ଧୀରେ ମସାଜ୍ କରିବେ। ମସାଜ ପରେ ମୁହଁକୁ ପାଣିରେ ଧୋଇ ପୋଛିବେ।

### ମସାଜ

କିଓ୍ୱି ଫେସିୟାଲ୍ ସମୟରେ ମସାଜ୍ ଷ୍ଟେପ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଚେହେରାର ରକ୍ତ ସଞ୍ଚାଳନକୁ ବଢ଼ାଇଥାଏ ଏବଂ ଚର୍ମକୁ ଟାଇଟ କରିବା ସହ ଚମକାଇଥାଏ।

### ଗ୍ଲୋ କିଓ୍ୱି ଫେସ୍ ପ୍ୟାକ୍

ଫେସ୍ ପ୍ୟାକ୍ ପ୍ରସ୍ତୁତ ପାଇଁ ୨ଚାମଚ କିଓ୍ୱି ଜେଲ୍, ଏକ ଚାମଚ ମହୁ, ଏକ ଚାମଚ ଦହି, ଏକ ଚାମଚ ବେସନକୁ ମିଶ୍ରଣ କରିବେ। ଏହି ସବୁକୁ ଭଲ ଭାବରେ ମିଶାଇ ଏକ ସ୍ମୁଥ୍ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ମୁହଁ ଏବଂ ବେକରେ ଲଗାଇବେ। ଏହାକୁ ୭ରୁ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ। ଏହା ସାମାନ୍ୟ ଶୁଖିଯିବା ପରେ ମୁହଁକୁ ପାଣିରେ ଧୋଇ ଚର୍ମକୁ ଭଲ ସେ ହାତରେ ଥାପୁଡ଼ାନ୍ତୁ। ଶେଷରେ ଯେକୌଣସି ହାଲୁକା ମଶ୍ଚରାଇଜର କିମ୍ବା ଆଲୋ ଭେରା ଜେଲ୍ ବ୍ୟବହାର କରନ୍ତୁ।



ରୋଷେଇ ଘରୁ

# ମୁଗ୍‌ଲାଇ ଏଗ୍ କରୀ



**ଆବଶ୍ୟକ ସାମଗ୍ରୀ:** ସିଝା ଅଣ୍ଡା, ଦହି, ପିଆଜ, କାଜୁ, କଞ୍ଚାଲଙ୍କା, ରସୁଣ, ଅଦା, ଗୋଟା ମସଲା (ଗୋଲମରିଚ, ଡାଲଚିନି, ଗୁଜୁରାତି, ଅଳେଇଚ), ଚିକେନ୍ ମସଲା, ଗୋଲମରିଚ ପାଉଡ଼ର, ଲୁଣ, ହଳଦୀ, କସ୍ତୁରୀ ମେଥି, ଫ୍ରେସ୍‌କ୍ରିମ୍, ଧନିଆ ପତ୍ର, ତେଲ।

**ପ୍ରଣାଳୀ:** ଅଣ୍ଡାକୁ ସିଝେଇ ଭାଜିବେ। ମସଲା ପାଇଁ ପିଆଜ, ରସୁଣ, ଅଦା, କାଜୁ, କଞ୍ଚାଲଙ୍କାକୁ ଗ୍ରାଇଣ୍ଡିଂ କରିନେବେ। ପ୍ୟାନ୍‌ରେ ଗୋଟା ମସଲାକୁ କିଟେ ଭାଜି ସେଥିରେ ତେଲ ଦେଇ ଗ୍ରାଇଣ୍ଡିଂ କରି ରଖିଥିବା ମସଲା ପକାଇ କଷନ୍ତୁ। ସେହି ମସଲାରେ ଚିକେନ୍ ମସଲା, ଗୋଲମରିଚ ପାଉଡ଼ର, ଲୁଣ, ହଳଦୀ, ଦେଇ କଷିବେ। ଏଥିରେ ଦହି ଓ ପାଣି ଦେଇ ୨ରୁ୩ ମିନିଟ୍ କଷିନେବେ। ଏହି ମସଲାରେ କସ୍ତୁରୀ ମେଥି, ଫ୍ରେସ୍‌କ୍ରିମ୍ ଏବଂ ପାଣି ଦେଇ ମିଶେଇବେ। ଏଥିରେ ଭାଜି ରଖିଥିବା ଅଣ୍ଡାକୁ ପକାଇ ୩ରୁ୪ ମିନିଟ୍ ଫୁଟିବା ପାଇଁ ରଖିଦେବେ। ଶେଷରେ କାଟି ରଖିଥିବା ଧନିଆ ପତ୍ରକୁ ପକାନ୍ତୁ। ଏହାକୁ ଭାତ, ରୁଟି ସହିତ ଖାଇପାରିବେ।

## ସାପ୍ତାହିକ ରାଶିଫଳ



**ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା**

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ:** ଦିନଟି ଆପଣଙ୍କ ପାଇଁ ଅନୁକୂଳ। ବିଦ୍ୟାର୍ଥୀମାନଙ୍କୁ ଖୁସି ଖବର ମିଳିବ। କ୍ୟାରିୟର୍ ସହିତ ଜଡ଼ିତ କୌଣସି ଶୁଭ ସୂଚନା ମିଳିପାରେ। ଖାସ୍ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହୋଇପାରେ। ଦାମ୍ପତ୍ୟ ଜୀବନ ଆନନ୍ଦମୟ ରହିବ।

**ବୃଷ:** ଦିନଟି ଖୁସି ଖବର ନେଇ ଆସିବ। କଠିନ ପରିଶ୍ରମ କରିବେ। କୌଣସି କାମ କରିଲେ ସଫଳତା ଆପଣଙ୍କୁ ମିଳିବ। ସନ୍ତାନ ସଙ୍ଗତି ଆଡ଼କୁ ବିଶେଷ ଧ୍ୟାନ ଦେବେ। ଅଫିସ୍‌ରେ କାମ ଅଧିକ ମିଳିବ। ଅର୍ଥ ନେଣଦେଣରେ ସାବଧାନ ରହିବେ।

**ମିଥୁନ:** ଦିନଟି ଅନୁକୂଳ। ହୋଟେଲ୍ ସହିତ ଜଡ଼ିତ ବ୍ୟବସାୟ ପାଇଁ ଦିନଟି ଖୁବ୍ ବଢ଼ିଆ। ଜୀବନ ଓ କାର୍ଯ୍ୟକ୍ଷେତ୍ରରେ ପିତାଙ୍କ ସହଯୋଗ ପାଇବେ। ପାରିବାରିକ ସମ୍ପର୍କ ଖୁବ୍ ବଢ଼ିଆ ରହିବ। ଘର କାମରେ ବଡ଼ ଭାଇଙ୍କ ସହଯୋଗ ପାଇବେ।

**କର୍କଟ:** ବ୍ୟାପାରରେ ଅଧିକ ଲାଭ ପାଇବେ। ଜୀବନକୁ ଆହୁରି ଭଲ ଢ଼ଙ୍ଗରେ ଜିଇଁବେ। ଅଫିସ୍‌ରେ କାମ ଅଧିକ ରହିବ। ଜୀବନସାଥୀଙ୍କ ସହିତ ସାମଞ୍ଜସ୍ୟ ବଜାୟ ରହିବ। ପିଲାମାନେ ମନ କଥା କହିବେ।

**ସିଂହ:** ଜୀବନ ନୂଆ ଖୁସି ନେଇ ଆସିବ। କାମକୁ ନେଇ କରିଥିବା ଯାତ୍ରା ଲାଭଦାୟକ ରହିବ। ସମାଜରେ ମାନ-ସମ୍ମାନ ବଢ଼ିବ। ସମ୍ପର୍କୀୟଙ୍କ ଆଗମନରେ ଘରେ ଖୁସିର ପରିବେଶ ରହିବ। ଶୀଘ୍ର ନିଜ ଲକ୍ଷ୍ୟକୁ ପୂରା କରିବେ।

**କନ୍ୟା:** ଦିନଟି ଆପଣଙ୍କ ପାଇଁ ଖାସ୍। ଆପଣଙ୍କ ସପକ୍ଷରେ ସବୁ କଥା ଯିବ। ବିଳମ୍ବ ହେଉଥିବା କାମରେ ସଫଳତା ମିଳିବ। ସନ୍ତାନକୁ ଖୁସି ହେବାର ଦେଖି ଆନନ୍ଦିତ ହେବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସାବଧାନ ରହିବେ।

**ତୁଳା:** ଆନନ୍ଦଦାୟକ ଦିନଟିଏ। ବ୍ୟବସାୟ କରୁଥିବା ଲୋକମାନଙ୍କର ବିକ୍ରି ବଢ଼ିବ। ଅଧିକ ଆମଦାନୀ ହେବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଖୁବ୍ ବଢ଼ିଆ। ଘର କିଣିବା କ୍ଷେତ୍ରରେ ସଫଳ ରହିବେ।

**ବିଛା:** ଶାନ୍‌ଦାର ଦିନଟିଏ। ବ୍ୟବସାୟୀମାନେ ଆଗକୁ ବଢ଼ିବେ। ରାଜନୀତିରେ ଅଧିକ ରୁଚି ରଖିବେ। ବଢ଼ିଆ କାମକୁ ପ୍ରଶଂସା ମିଳିବ। ସୋସିଆଲ୍ ମିଡିଆ ଦ୍ୱାରା ଅଲଗା ପରିଚୟ ପାଇବେ।

**ଧନୁ:** କ୍ୟାରିୟର୍ ସହିତ ଜଡ଼ିତ ଖୁସି ଖବର ପାଇବେ। ଅଫିସ୍‌ରେ ନୂଆ କାମ ମିଳିବ। ସନ୍ଧ୍ୟା ସମୟ ପରିବାର ସହିତ ବିତେଇବେ। ମାତା-ପିତାଙ୍କ ସହିତ ସମାରୋହରେ ଯିବେ।

**ମକର:** ଦିନଟି ନୂଆ ଉମଙ୍ଗ ନେଇ ଆସିବ। କାହା ସହିତ କଥାବାର୍ତ୍ତା ହେଲେ ଖୁସି ମିଳିବ। ଭାବୁକ ହୋଇ ନିର୍ଣ୍ଣୟ ନିଅନ୍ତୁ ନାହିଁ। ପ୍ରେମୀମାନେ ଦୂର ଯାତ୍ରା କରିପାରନ୍ତି। ସମ୍ପର୍କରେ ମଧୁରତା ରହିବ।

**କୁମ୍ଭ:** ଦିନଟି ଆପଣଙ୍କ ପାଇଁ ଉତ୍ତମ। ପାରିବାରିକ ସମସ୍ୟାରୁ ମୁକ୍ତ ହେବେ। ସଠିକ୍ ମାର୍ଗଦର୍ଶନ ଯୋଗୁ ପରସ୍ପର ପ୍ରତି ଭଲ ପାଇବା ରହିବ। ଅଚାନକ ଧନ ଲାଭ ଯୋଗ ରହିଛି। ଆର୍ଥିକ ସହଯୋଗ ପାଇବେ।

**ମୀନ:** ଦିନଟି ଆପଣଙ୍କ ପାଇଁ ବଢ଼ିଆ ରହିବ। ଅଫିସ୍‌ରେ କୌଣସି କାମକୁ ସହଜରେ କରିବେ। ଆତ୍ମ-ବିଶ୍ୱାସ ବୃଦ୍ଧି ହେବ। ମାନ-ସମ୍ମାନ ବଢ଼ିବ। ଜୀବନସାଥୀଙ୍କ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନରେ ସୁଖ ପାଇବେ।

ସଂସ୍କୃତି ଓ ପର୍ଯ୍ୟଟନ

# ମାଆ ବିରଜା

ବିକ୍ରମ କେଶରୀ ବିଶ୍ୱାଳ





ଯାଜପୁର ସହରରେ ବିରଜା ଦେବୀଙ୍କର ପୀଠସ୍ଥାନ ଅବସ୍ଥିତ। ଶିବ, ବିଷ୍ଣୁ, ସୂର୍ଯ୍ୟ ଓ ଦେବୀଙ୍କୁ ମୁଖ୍ୟ କରି ଓଡ଼ିଶାର ଯେଉଁ ଚାରିଗୋଟି ପ୍ରଧାନ ତୀର୍ଥସ୍ଥାନ ସମଗ୍ର ଭାରତରେ ସୁପରିଚିତ ସେଗୁଡ଼ିକ ହେଲା ବିଷ୍ଣୁ-କ୍ଷେତ୍ର ଭାବରେ ପୁରୀ, ସୂର୍ଯ୍ୟକ୍ଷେତ୍ର ଭାବରେ କୋଣାର୍କ, ଶିବକ୍ଷେତ୍ର ଭାବରେ ଭୁବନେଶ୍ୱର ଏବଂ ଦେବୀ କ୍ଷେତ୍ର ଭାବରେ ବିରଜା-କ୍ଷେତ୍ର ଯାଜପୁର। ଶିବ-ପତ୍ନୀ ଦେବୀ ସତୀଙ୍କର ପବିତ୍ର ମୃତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଧାରଣ କରି ଭାରତର ଯେଉଁ ବାଉନଗୋଟି ସ୍ଥାନ ତୀର୍ଥକ୍ଷେତ୍ରର ସମ୍ମାନ ଲାଭ କରିଅଛନ୍ତି, ସେମାନଙ୍କ ମଧ୍ୟରେ ବିରଜା କ୍ଷେତ୍ର ଅନ୍ୟତମ। କାରଣ ଏହି ସ୍ଥାନରେ ସତୀଙ୍କର ନାଭି ପତିତ ହୋଇଥିଲା। ଏହାଛଡ଼ା ଗୟାସୁରର ନାଭି ଏଠାରେ ପଡିଥିବା ଏହା ନାଭିଗୟା ତୀର୍ଥ ଭାବରେ ମଧ୍ୟ ସୁପରିଚିତ। ପ୍ରାଚୀନକାଳରୁ ଦେବୀ ବିରଜା ଯାଜପୁରରେ ପ୍ରତିଷ୍ଠିତା ଓ ପୂଜିତା ହୋଇ ଆସୁଥିଲେ ମଧ୍ୟ ଦେବୀଙ୍କର ପ୍ରକୃତ ପ୍ରତଷ୍ଠା କାଳ ଅଦ୍ୟାବଧି ସ୍ଥିରୀକୃତ ହୋଇନାହିଁ। ପ୍ରାୟ ପାଞ୍ଚହଜାର ବର୍ଷ ତଳେ ଲିଖିତ ହୋଇଥିଲା ବୋଲି ବିଶ୍ୱାସ କରାଯାଉଥିବା 'ମହାଭାରତ' ଗ୍ରନ୍ଥରେ ବୈତରଣୀତଟ ବାସିନୀ ଦେବୀ ବିରଜାଙ୍କର ଏହି ପବିତ୍ର କ୍ଷେତ୍ର ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ଦୁଇଟି ଅଧ୍ୟାୟରେ ଦୃଷ୍ଟିଗୋଚର ହୁଏ। ବିରଜାଙ୍କ ସମ୍ପର୍କରେ ଏହା ହିଁ ସର୍ବପ୍ରାଚୀନ ପ୍ରାମାଣିକ ତଥ୍ୟ। ଯୁଧିଷ୍ଠିର ପ୍ରମୁଖ ପାଣ୍ଡବମାନଙ୍କର ତୀର୍ଥ ପର୍ଯ୍ୟଟନ ସମ୍ପର୍କରେ 'ମହାଭାରତ'ର 'ବନ ପର୍ବ'ରେ ଏହାର ଉଲ୍ଲେଖ ଅଛି। 'ତତୋ ବୈତରଣୀଂ ଗଚ୍ଛେତ ସର୍ବ ପାପ ପ୍ରମୋଚନୀମ୍। ବିରଜଂ ତୀର୍ଥମାସାଦ୍ୟ ବିରାଜିତ ଯଥା ଶଶୀ।' ଅର୍ଥାତ୍ ତତ୍ପରେ ବୈତରଣୀ ନଦୀ କୂଳରେ ପୂର୍ଣ୍ଣିମା ଚନ୍ଦ୍ର ପରି ବିରାଜିତା ଦେବୀ ବିରଜାଙ୍କର ସର୍ବପାପ ପ୍ରକ୍ଷାଳିନୀ ପବିତ୍ର ତୀର୍ଥକ୍ଷେତ୍ର ଅବସ୍ଥିତ, ସେ ସ୍ଥାନକୁ ଯିବା ଉଚିତ।

ଯାଜପୁର ସହରର ଦକ୍ଷିଣ ସୀମାରେ ଦେବୀ ବିରଜାଙ୍କ ସୁଉଚ୍ଚ ମନ୍ଦିର ବିଦ୍ୟମାନ। ମନ୍ଦିରର ପ୍ରାଙ୍ଗଣ ଆୟତନରେ ପ୍ରାୟ ତିନି ଏକରରୁ ଊର୍ଦ୍ଧ୍ୱ ହେବ। ଦେବୀଙ୍କର ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୭୦ ହାତ ହେବ। ମୁଖ୍ୟ ମନ୍ଦିରର ସମ୍ମୁଖରେ ପ୍ରାୟ ୪୦ ହାତ ଉଚ୍ଚତା ବିଶିଷ୍ଟ ଏକ ଯଜ୍ଞ ମନ୍ଦିର ବିଦ୍ୟମାନ। ପୂର୍ବ ଦିଗରେ ଅବସ୍ଥିତ ସିଂହଦ୍ୱାରରେ ଏକ ସମୁଚ୍ଚ ମୁଖଶାଳା ଛଡ଼ା ମନ୍ଦିର ବେଢ଼ା ମଧ୍ୟରେ ଈଶାନେଶ୍ୱର, ବୈଦ୍ୟନାଥ, ନାଭିଗୟା, ଓ ମହାବୀରଙ୍କର ସ୍ୱତନ୍ତ୍ର ମନ୍ଦିର ମାନ ରହିଅଛି। ଦେବୀଙ୍କ ମନ୍ଦିରର ବିଭିନ୍ନ ଦିଗରେ ପାର୍ଶ୍ୱଦେବତା ଭାବରେ ରୁଧିରେଶ୍ୱର, ଗଣେଶ, ଏକପାଦ, କାଳଭୈରବ କାର୍ତ୍ତିକେଶ୍ୱରଙ୍କର ନିଶା ମନ୍ଦିରମାନ ରହିଅଛି। ନାଭିଗୟା ମନ୍ଦିରରେ ପିଣ୍ଡଦାନ କୂପ ବ୍ୟତୀତ ଗଦାଧର ବିଷ୍ଣୁ ଓ ମୃତ୍ୟୁଞ୍ଜୟ ଭୈରବ ବିଦ୍ୟମାନ। ବର୍ଷର ପ୍ରତ୍ୟେକ ଦିନରେ ବିଶେଷକରି ଶ୍ରାବଣ ଦ୍ୱାଦଶୀ, ଅକ୍ଷୟ ତୃତୀୟା, ମହାଳୟା ଏବଂ ପିତୃପକ୍ଷରେ ଭାରତ ତଥା ଭାରତ ବାହାରୁ ଲକ୍ଷ ଲକ୍ଷ ଧର୍ମପ୍ରାଣ ବ୍ୟକ୍ତି ସେମାନଙ୍କର ସ୍ୱର୍ଗତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନାଭିଗୟାରେ ପିଣ୍ଡଦାନ କରିଥାନ୍ତି।

ଶାରଦୀୟ ପୂଜା ନିମନ୍ତେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ବିଶେଷ ଷୋଡ଼ଶପଚାର ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଉପଲକ୍ଷେ ମା'ବିରଜାଙ୍କ ପଶ୍ଚିମ ବ୍ରହ୍ମାକୁଣ୍ଡରୁ ଜଳ ନିଆଯାଇ ମା'ଙ୍କ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ହୋଇଥାଏ। ଦ୍ୱିତୀୟାଷ୍ଟମୀରେ ମା'ବିରଜାଙ୍କୁ ପ୍ରାତଃରୁ ଶ୍ରୀଅଙ୍ଗଲାଗି ସେବାୟତ ସ୍ନାନ କରାଇ ବେଶ କରିବା ସହ ରୀତିନୀତି ଅନୁଯାୟୀ ଦିବା ଗୋଟାଏରେ ପହୁଡ଼ ସମାପନ ହୁଏ। ଅପରାହ୍ନରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟାରେ ମା'ଙ୍କର ଆଳତି ନୀତି ଅନୁଷ୍ଠିତର ବିଧିବିଧାନ ରହିଛି।

ମାଆ ବିରଜାଙ୍କ ପୂଜାବିଧିରେ ସ୍ୱାତନ୍ତ୍ର୍ୟ ରହିଛି। ପ୍ରତିଦିନ ମାଆଙ୍କୁ ଏକାକ୍ଷରୀ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରାଯାଏ। କିନ୍ତୁ ଶାରଦୀୟ ଉତ୍ସବ ସମୟରେ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଦେବୀଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଏ। ମହାଷ୍ଟମୀ ରାତ୍ରିରେ ଦେବୀଙ୍କୁ ଉଗ୍ରଚଣ୍ଡୀ ମନ୍ତ୍ରରେ ପୂଜନ କରାଯାଏ ଓ ମହାନବମୀ ରାତ୍ରିରେ ଦେବୀଙ୍କୁ ମହାକାଳୀ ମନ୍ତ୍ରରେ ପୂଜା କରାଯାଏ। ବିରଜାକ୍ଷେତ୍ରର ଅନ୍ୟତମ ବିଶେଷତ୍ୱ ହେଉଛି, ଏଠାରେ ବେଶ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇ ନଥାଏ, ବରଂ ମନ୍ତ୍ରର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଏ। 'ଶକ୍ତିପଲ୍ଲବ' ନାମକ ତନ୍ତ୍ରଧାରା ଆଧାରରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ବନଦୁର୍ଗା ମନ୍ତ୍ରଟି ହେଲା 'ଉତ୍ତିଷ୍ଠ ପୁରୁଷି କିଂ ସ୍ୱପିସି ଭୟଂ ମେ, ସମୁପସ୍ଥିତଂ ଯଦି ଶକ୍ୟମଶକ୍ୟମ୍ ହୂଁ ଦୁର୍ଗେ ଭଗବତି ଶମୟ ସ୍ୱାହା।'

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬







ମନୋରଞ୍ଜନ

# ଟାଇଗର ଆକ୍ରମଣ ପଛରେ ମହିଳା



ଟାଇଗର ଶ୍ରଫ୍‌ଙ୍କ ଉପରେ ଗୁଳିମାଡ଼ ଘଟଣାରେ ଦିଲ୍ଲୀ ପୁଲିସ ସ୍ୱତନ୍ତ୍ର ସେଲ୍ ଦୁଇଜଣ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ସୂତ୍ର ଅନୁସାରେ, ଏହି ଚାରିଜଣ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହିତ ଜଡିତ ଏକ ମଡ୍ୟୁଲର ଅଂଶ ଥିଲେ ଓ ରବିବାର ସନ୍ଧ୍ୟାରେ ଅଭିନେତାଙ୍କ କାର ଉପରେ ଗୁଳି ଚଳାଇଥିବା ଅଭିଯୁକ୍ତମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇଥିଲା । ଆକ୍ରମଣର ଗୋଟିଏ ଦିନ ପୂର୍ବରୁ ଅକ୍ଟୋବର ୧୭ ତାରିଖରେ ଦୁଇ ମହିଳା ଦାଦର ଷ୍ଟେସନରେ ପହଞ୍ଚି ଏକ ହୋଟେଲରେ ରହିଥିଲେ । ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଜଣେ ନାବାଳକ ରାଧାଙ୍କଠାରୁ ବ୍ୟାଗ ଆଣିବା ପାଇଁ ହୋଟେଲ ନିକଟରେ ପହଞ୍ଚିଥିଲା । ଅକ୍ଟୋବର ୧୮ ତାରିଖରେ ତିନି ଅଭିଯୁକ୍ତ - ହ୍ରିତିକ୍, ରେହାନ ଓ ଫୁଲ ସିଂହ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଟାଇଗର ଶ୍ରଫ୍‌ଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ଲରେନ୍ସ ବଲିଉଡ୍ ଉପରେ ଆକ୍ରମଣ କରିବାକୁ ଏବେ ମହିଳାଙ୍କୁ ଢ଼ାଲ କରିବା ସହ ବଡ଼ ନେଟୱାର୍କିଂ ଚଳେଇଥିବା ଜଣାଯାଇଛି ।



# ଚହଳ ସୃଷ୍ଟି କରିବ ରାମାୟଣ



'ରାମାୟଣ : ପାର୍ଟ-୧'ର ପ୍ରମୋଶନରେ ରହିଛନ୍ତି ରଣବୀର । କିଭଳି ରାମାୟଣ ସବୁ ଦର୍ଶକଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ସେ ବିଭିନ୍ନ ସ୍ଥାନକୁ ଯାଇ ପ୍ରମୋଶନ କରିବା ସହ ନିଜର ଫ୍ୟାନମାନଙ୍କ ସହ ଟାଇମ୍ ଶେୟାର କରୁଛନ୍ତି । ଏହି ଫିଲ୍ମଟି ୫ ନଭେମ୍ବରରେ ରିଲିଜ ହେବ ବୋଲି ଜଣାଯାଇଛି । କୋଲକାତାର ଏକ ଦଶହରା କାର୍ଯ୍ୟକ୍ରମରେ ରଣବୀର ମଧ୍ୟ ଯୋଗ ଦେଇଥିଲେ । ଏହି ଫିଲ୍ମଟି ନୀତେଶ ତିୱାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନମିତ ମଲହୋତ୍ରାଙ୍କ ଦ୍ୱାରା ପ୍ରଯୋଜିତ । ଫିଲ୍ମଟି ଦୁଇଟି ଭାଗରେ ମୁକ୍ତିଲାଭ କରିବ । ପ୍ରଥମ ଭାଗ ନଭେମ୍ବର ୫ତାରିଖରେ ମୁକ୍ତିଲାଭ କରିବ, ଯେତେବେଳେ ଦ୍ୱିତୀୟ ଭାଗ ଆସନ୍ତା ବର୍ଷ ଦୀପାବଳିରେ ମୁକ୍ତିଲାଭ କରିବ । ଆସନ୍ତା ବର୍ଷ 'ରାମାୟଣ-୨' ପ୍ରଭାସଙ୍କ ଫିଲ୍ମ 'ସ୍ପିରିଟ୍' ସହିତ ଟକ୍କର ଦେବ । ଏହି ଫିଲ୍ମରେ ରଣବୀର କପୁର, ସାଇ ପଲ୍ଲବୀ, ରବି ଦୁବେ, ଅରୁଣ ଗୋଭିଲ୍, ରକୁଲ ପ୍ରୀତ ସିଂହ ଏବଂ ବିବେକ ଓବେରୟ ଅଭିନୟ କରିଛନ୍ତି । ରିଲିଜ୍ ପୂର୍ବରୁ ଏହି ଫିଲ୍ମର କ୍ରେଜ୍ ବହୁତ ଅଧିକ ରହିବ ବୋଲି ଜଣାପଡ଼ିଲାଣି । ବକ୍ସ ଅଫିସରେ ଉଲ୍ଲେଖନୀୟ ହିଟ୍ ସାବ୍ୟସ୍ତ ହେବ ବୋଲି ପ୍ରଯୋଜନା ସଂସ୍ଥା ବହୁତ ଆଶାବାଦୀ ମଧ୍ୟ ।



# 'ଫୌଜି' ପାଇଁ ସଜବାଜ ପ୍ରଭାସ

ଫୌଜି ପାଇଁ ଅଣ୍ଟା ଭିଡ଼ିଲେଣି ପ୍ରଭାସ । 'ଫୌଜି'ର କାହାଣୀ ଭାରତ ସ୍ୱାଧୀନ ହେବା ପୂର୍ବ ସମୟର ପୃଷ୍ଠଭୂମି ଉପରେ ଆଧାରିତ । ଏଥିରେ ଜଣେ ସୈନିକଙ୍କ ଜୀବନଯାତ୍ରାକୁ ଦର୍ଶାଯାଇଛି, ଯାହା ଇତିହାସର ଏକ ଅଳ୍ପ ଜଣାଶୁଣା ଅଧ୍ୟାୟ ସହ ଜଡ଼ିତ । ଫିଲ୍ମରେ ସାମରିକ ଆକ୍ସନ୍ ସହିତ ବଳିଦାନ ଓ ପ୍ରେମର କାହାଣୀ ମଧ୍ୟ ରହିଛି । ପ୍ରଭାସ ଏଥିରେ ଶୀର୍ଷକ ଚରିତ୍ର ତଥା ଜଣେ ଯୋଦ୍ଧାଙ୍କ ଭୂମିକାରେ ନଜର ଆସିବେ । ଅନ୍ୟପକ୍ଷରେ, ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ଇମାନଭି, ଯିଏ ଇମାନ ଇସମାଇଲ୍ ନାମରେ ମଧ୍ୟ ପରିଚିତ, ଏହି ଫିଲ୍ମ ଜରିଆରେ ନାୟିକା ଭାବେ ଅଭିନୟ ଜଗତରେ ପାଦ ଥାପିବେ । ଏକ ପାନ୍-ଇଣ୍ଡିଆ ଫିଲ୍ମ ଭାବେ ନିର୍ମିତ ହେଉଥିବା 'ଫୌଜି' ବିଭିନ୍ନ ଭାଷାରେ ରିଲିଜ୍ ହେବ । ଫିଲ୍ମର ନୂଆ ପୋଷ୍ଟର ପ୍ରଭାସଙ୍କ ଜନ୍ମଦିନରେ ରିଲିଜ୍ ହୋଇଛି । ଏହି ପୋଷ୍ଟରରେ 'ଫାଇଲ୍ ନମ୍ବର: ୦୨୫'କୁ ନେଇ ଆରମ୍ଭ ହୋଇଥିବା ପ୍ରଚାର ଅଭିଯାନ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ବଢ଼ାଇଛି । ଫିଲ୍ମରେ ମିଥୁନ ଚକ୍ରବର୍ତ୍ତୀ, ଜୟା ପ୍ରଦା ଏବଂ ଅନୁପମ ଖେର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ବିଶାଳ ଚନ୍ଦ୍ରଶେଖର ଏହାର ସଙ୍ଗୀତ ରଚନା କରୁଥିବା ବେଳେ ସୁଦୀପ ଚାଟାର୍ଜୀ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଉଛନ୍ତି । ମୈତ୍ରୀ ମୁଭି ମେକର୍ସ ବ୍ୟାନରରେ ନବୀନ ୟେର୍ନେନି ଏବଂ ୱାଇ. ରବି ଶଙ୍କର ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି । ଟି-ସିରିଜ୍‌ର ଭୂଷଣ କୁମାର ମଧ୍ୟ ଏହି ପ୍ରକଳ୍ପ ସହ ଜଡ଼ିତ ଅଛନ୍ତି ।







# 'ପେହଲା ପ୍ୟାର୍ ଦୁସରୀ ବାର'ରେ ନୂଆ ମୁହଁ



ନିର୍ଦ୍ଦେଶକ ଅନୁଜ ସାଇନି ବଲିଉଡକୁ ଭେଟି ଦେଇଛନ୍ତି ଏକ ଲଭ୍, ସିରିୟସ, କମେଡି ଫିଲ୍ମ 'ପେହଲା ପ୍ୟାର୍ ଦୁସରୀ ବାର' । ରୋମାଣ୍ଟିକ୍ ଓ କମେଡି ଫିଲ୍ମ ତଡ଼କା ଥିବା 'ପେହଲା ପ୍ୟାର୍ ଦୁସରୀ ବାର' ରିଲିଜ୍ ହୋଇ ଯୁବପିଢ଼ିଙ୍କ ମନ ଜିଣିବାକୁ ପ୍ରୟାସ କରିଛି । ଛଅ ଜଣ ନୂଆ କଳାକାରଙ୍କ ପରିଚୟ ଏବଂ ଲଭ୍ ରଞ୍ଜନଙ୍କ ପ୍ରଯୋଜନା ଯୋଗୁଁ ଏହି ଫିଲ୍ମଟି ଚର୍ଚ୍ଚାରେ ରହିଛି । 'ପେହଲା ପ୍ୟାର୍ ଦୁସରୀ ବାର' ଫିଲ୍ମ ମାଧ୍ୟମରେ ଅଲିଶା ଚୋପ୍ରା, ସ୍ୱର୍ଣ୍ଣ ୱାଲିଆ, ସାକ୍ଷୀ ବୈଦ୍ୟ, କୁନାଲ ଆର୍ଯ୍ୟନ ବୈଦ, ସରଗୁନ କୌର ଲୁଥ୍ରା ଏବଂ ତୁଷାର ଛିବରଙ୍କ ଭଳି ଛଅ ଜଣ ନୂଆ କଳାକାର ଚଳଚ୍ଚିତ୍ର ଜଗତରେ ପାଦ ଥାପିଛନ୍ତି । ଅନୁଜ ସାଇନି ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି । ନୂଆ କଳାକାରଙ୍କୁ ଗୁରୁତ୍ୱ ଦେଇ ଫିଲ୍ମଟି ନିର୍ମାଣ କରାଯାଇଥିଲେ ସୁଦ୍ଧା ଏମାନେ ଦର୍ଶକଙ୍କୁ ହତାଶ କରିନାହାନ୍ତି ବରଂ ଭଲ ପରଫର୍ମାନ୍ସ କରିଛନ୍ତି ।

# ଅନୀତ୍‌ଙ୍କ ହରର୍ ଫିଲ୍ମ

ବଲିଉଡ୍ ଅଭିନେତ୍ରୀ ଅନୀତ ପଡ୍ଡା, ମୋହିତ ସୁରୀଙ୍କ ରୋମାଣ୍ଟିକ ଫିଲ୍ମ 'ସୈୟରା' ଜରିଆରେ ବଲିଉଡ୍ ଡେବ୍ୟୁ କରିଥିଲେ । ଫିଲ୍ମରୁ ଖୁବ୍ ଲୋକପ୍ରିୟତା ହାସଲ କରିଥିଲେ ଅନୀତ୍ । ଏଥିରେ ତାଙ୍କ ସହିତ ଥିଲେ ଅହାନ ପାଣ୍ଡେ । ଏହା ସହିତ ଫିଲ୍ମଟି ବ୍ଲକ୍‌ବଷ୍ଟର ମଧ୍ୟ ପ୍ରମାଣିତ ହୋଇଥିଲା । ବର୍ତ୍ତମାନ ଅନୀତ ମ୍ୟାଡକ୍ ଫିଲ୍ମସ୍‌ର ଏକ ଫିଲ୍ମ 'ଶକ୍ତି ଶାଳିନୀ'ରେ ନଜର ଆସିବେ । ଫିଲ୍ମଟି 'ସୈୟରା' ଠାରୁ ଅଲଗା ବୋଲି କୁହାଯାଉଛି । 'ଶକ୍ତି ଶାଳିନୀ' ପରି ଫିଲ୍ମକୁ ପସନ୍ଦ କରିବା ସମ୍ପର୍କରେ ଅନୀତ୍ କହନ୍ତି ଯେ ସେ 'ସୈୟରା' ପରେ ଏକ ଭିନ୍ନ ପ୍ରକାରର ଫିଲ୍ମର ସନ୍ଧାନରେ ଥିଲେ ଓ ସେ ସୋଲୋ ଫିଲ୍ମ କରିବାକୁ ଚାହୁଁଥିଲେ । ମ୍ୟାଡକ୍ ହରର୍ କମେଡି ୟୁନିଭର୍ସର ଏହା ହେଉଛି ଷଷ୍ଠ ଫିଲ୍ମ ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିବାରୁ ସେ ନିଜକୁ ଭାଗ୍ୟବତୀ ବୋଲି ମନେ କରୁଛନ୍ତି । ଏଥିରେ ଆକ୍ସନ୍, ରୋମାନ୍ସ ଓ ସୁପରନାଚୁରାଲ୍ ଏଲିମେଣ୍ଟସ୍ ରହିଛି । ଏହି ଫିଲ୍ମ ଜରିଆରେ ମୋତେ ନିଜକୁ ଏକ୍ସପ୍ଲୋର କରିବାକୁ ସୁଯୋଗ ମିଳିଛି ।' ତେବେ ଗତ ବର୍ଷ ଦୀପାବଳି ଅବସରରେ ଫିଲ୍ମ 'ଶକ୍ତି ଶାଳିନୀ' ବିଷୟରେ ଆଧିକାରିକ ଘୋଷଣା କରାଯାଇଥିଲା । ଫିଲ୍ମର ଟାଇଟଲ୍ ପ୍ରୋମୋ ଥାମା ସହିତ ଦେଖିବାକୁ ମିଳିଥିଲା । ଅନୀତ୍‌ଙ୍କ ବ୍ୟତୀତ ଫିଲ୍ମରେ ଦିବଂଗତ ଅଭିନେତା ନାନା ପାଟେକର, ବିନୀତ କୁମାର ସିଂହ ଓ ବିଶାଳ ଜେଠୱା ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ । ନିକଟରେ ପ୍ରକାଶିତ ରିପୋର୍ଟ ଅନୁସାରେ ଫିଲ୍ମଟି ଆସନ୍ତା ବର୍ଷ ରିଲିଜ ହୋଇପାରେ । ଏ ପର୍ଯ୍ୟନ୍ତ ନିର୍ମାତାମାନେ ଏହାର ନୂଆ ରିଲିଜ ଡେଟ୍ ବିଷୟରେ ଘୋଷଣା କରିନାହାନ୍ତି ।

ଆଲୋଚନା

# ପ୍ରତିଯୋଗିତା

ଡକ୍ଟର ସୁରେଶ କୁମାର ନାୟକ

**ଭଲ କ୍ୟାରିୟର ନିମନ୍ତେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଭାଗ ନେବାକୁ ହୋଇଥାଏ। ଏଭଳି ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହେଲେ ସେମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବା ସହିତ ଭିନ୍ନ ଭିନ୍ନ କ୍ଷେତ୍ରରେ ସଫଳତା ନିମନ୍ତେ ଏକ ମାର୍ଗ ମିଳିଥାଏ। ଭବିଷ୍ୟତରେ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ନିମନ୍ତେ ଭୟ ରହି ନଥାଏ। ଏଥିପାଇଁ ସ୍କୁଲ ସ୍ତରରେ ବିଭିନ୍ନ ପରୀକ୍ଷା ଆୟୋଜନ କରାଯାଇଥାଏ। ଛାତ୍ରଛାତ୍ରୀଙ୍କ ପାଇଁ ଏସବୁ ଯଦିଓ ବାଧ୍ୟତାମୂଳକ କରାଯାଇ ନଥାଏ, କିନ୍ତୁ ଏହାର ଗୁରୁତ୍ୱ ଢ଼େର ଅଧିକ ରହିଥାଏ। ତେଣୁ ଏଥିରେ ଭାଗ ନେବା ପାଇଁ ନିଜକୁ କିଭଳି ମୋଟିଭେଟ୍ କରିବାକୁ ହେବ ସେ ନେଇ ପ୍ରସ୍ତୁତି କରିବା ଦରକାର।**

ପିଲାଙ୍କୁ ସର୍ବପ୍ରଥମେ ନିଜ ପଢ଼ା ବହିକୁ ଭଲ ଭାବେ ଜାଣିବାକୁ ହେବ। କାରଣ ପ୍ରତ୍ୟେକ ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇଥାଏ। ଏହାପରେ ପ୍ରତିଯୋଗିତାର ବିଷୟ ସବୁକୁ ଜାଣନ୍ତୁ। କେଉଁ ବିଷୟରୁ କିଭଳି ପ୍ରଶ୍ନ ଆସିପାରେ ସେ ନେଇ ଜାଣିଲେ ହିଁ ସେହି ଅନୁସାରେ ପ୍ରସ୍ତୁତି କରିପାରିବେ। ସଂକ୍ଷିପ୍ତରେ ଉତ୍ତର ଲେଖିବେ କିମ୍ବା ବ୍ୟାଖ୍ୟା କରିବାକୁ ହେବ। ଏସବୁ ନେଇ ଆଗୁଆ ଜାଣିବାକୁ ଚେଷ୍ଟା କରନ୍ତୁ। ପରୀକ୍ଷାରେ ନେଗେଟିଭ ମାର୍କିଂ ଅଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ଜାଣିବା ଦରକାର।

ସବୁ କାମ ପାଇଁ ମୋଟିଭେଶନ୍ ତ ନିହାତି ଦରକାର। ଏହି ଆଧାରରେ କୌଣସି ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରଥମେ ନିଜକୁ ମୋଟିଭେଟ କରିବାକୁ ହେବ। ଏଥିପାଇଁ ନିଜ ଭିତରୁ ଏକ ପ୍ରେରଣା ସୃଷ୍ଟି ହେବା ଦରକାର। ନଚେତ୍ ପରୀକ୍ଷା ପ୍ରସ୍ତୁତିରେ ସଫଳତା ମିଳିବା ସହଜ ହେବନାହିଁ। ଅବଶ୍ୟ ମୋଟିଭେଶନ୍ ସୃଷ୍ଟି ହେବାର ଅନେକ କାରଣ ହୋଇପାରେ। ତେଣୁ ସେଭଳି ପରିବେଶ ସୃଷ୍ଟି କରନ୍ତୁ। ଏସବୁ ପରୀକ୍ଷା ଦେବା ଫଳରେ ଭବିଷ୍ୟତରେ କିଭଳି ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଅନ୍ୟ ସବୁ ପ୍ରକାରର ପରୀକ୍ଷା ଦେବାକୁ ଭୟ ରହିବ ନାହିଁ। ଏ ନେଇ ଅନ୍ୟ ସଫଳ ବ୍ୟକ୍ତିଙ୍କ ଉଦାହରଣ ଦେଖନ୍ତୁ।

ବେଳେ ବେଳେ ପିଲାମାନେ ବଡ଼ ପାଟିରେ କୌଣସି ବିଷୟକୁ ବାରମ୍ବାର ପଢ଼ିବା ପରେ ପ୍ରସ୍ତୁତି ହେଇଗଲା ବୋଲି ଭାବନ୍ତି। କିନ୍ତୁ ଏଭଳି ବଡ଼ ପାଟିରେ ପଢ଼ିବା ସହ ପାଠକୁ ବୁଝିବା ଦରକାର। ପାଠକୁ ବୁଝିଥିଲେ ପରୀକ୍ଷାରେ ଯେକୌଣସି ପ୍ରକାରର ପ୍ରଶ୍ନ ଆସିଲେ ବି ଉତ୍ତର ଦେବାକୁ ସକ୍ଷମ ହୋଇପାରିବେ। ତେଣୁ ପଢ଼ିବା ସମୟରେ ବୁଝିବା ଦରକାର ଆଉ ଯେଉଁ ସ୍ଥାନରେ ବୁଝିପାରିବେ ନାହିଁ ସେତେବେଳେ ସଙ୍ଗେ ସଙ୍ଗେ ପଚାରି ବୁଝିନେବା ଦରକାର। ପାଠକୁ ଭଲ ଭାବେ ବୁଝିପାରିଲେ ହିଁ ସବୁ ପ୍ରକାରର ପ୍ରଶ୍ନ ସହଜ ଲାଗିବ।

କଣ ପଢ଼ିବେ ଓ କେମିତି ପଢ଼ିବେ ଜାଣିବା ପରେ ଏକ ନିର୍ଦ୍ଦିଷ୍ଟ ପ୍ଲାନ କରନ୍ତୁ। ସ୍କୁଲ ଟିଉସନ୍ ସବୁ ପରେ କେଉଁଭଳି କେଉଁ ସମୟରେ ପଢ଼ିବେ ସେ ନେଇ ସମୟ ସ୍ଥିର କରନ୍ତୁ। ପ୍ରତିଦିନ କେତିକି ପଢ଼ି ପାରିବେ ସେ ନେଇ ଏକ ଟାର୍ଗେଟ ରଖନ୍ତୁ। ସିଲାବସ୍‌କୁ ଛୋଟ ଛୋଟ ଭାଗରେ ବାଣ୍ଟି କିଭଳି ସହଜରେ ପଢ଼ିପାରିବେ ତାହା ଶିଖନ୍ତୁ। ଏହା ସହିତ ପଢ଼ିବା ପାଇଁ ଏକ ପରିବେଶ ମଧ୍ୟ ଦରକାର। ତେଣୁ ନିଜର ସୁବିଧା ଅନୁସାରେ ଏକ ଶାନ୍ତ ପରିବେଶରେ ପଢ଼ନ୍ତୁ। ପାଠ ପଢ଼ିବା ସ୍ଥାନରେ କୌଣସି ଡିସଷ୍ଟ୍ରାକଶନ କଲାଭଳି ଜିନିଷ ରଖନ୍ତୁ ନାହିଁ। ଅର୍ଥାତ୍ ଟିଭି କିମ୍ବା ଫୋନ ପାଖରେ ରଖି ପଢ଼ନ୍ତୁ ନାହିଁ।

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଁ ଅଭ୍ୟାସ ନିହାତି ଦରକାର। ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଠିକ ଢ଼ଙ୍ଗରେ ଅଭ୍ୟାସ ଜାରି ରଖିବାକୁ ହେବ। ଏ କ୍ଷେତ୍ରରେ ବିଭିନ୍ନ ଦିଗରୁ ଅଭ୍ୟାସ କରିବାକୁ ହେବ। ସବୁ ବିଷୟରେ ପାଠ ବୁଝି ସାରିବା ପରେ ବି ନିଜକୁ ନିଜେ ପ୍ରଶ୍ନ କରନ୍ତୁ। କେତେ ସମୟ ମଧ୍ୟରେ କେତେ ଉତ୍ତର ଦେଇ ପାରୁଛନ୍ତି ତାହା ପରୀକ୍ଷା କରନ୍ତୁ। ତୁରନ୍ତ ଉତ୍ତର ଦେଇ ପାରୁଛନ୍ତି ଅବା ବିଳମ୍ବରେ ତାହା ପରୀକ୍ଷା କରନ୍ତୁ। କଣ ହେଉଛି ତାର ତର୍ଜମା କରନ୍ତୁ। ଏହିଭଳି ବାରମ୍ବାର ଅଭ୍ୟାସ କଲେ ନିଜର ଭୁଲକୁ ସୁଧାରି ହେବ ଓ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ।



ଉତ୍ତମ ସ୍ୱାସ୍ଥ୍ୟ ବିନା ପାଠ ପଢ଼ିବାର କୌଣସି ଲାଭ ନଥାଏ। ତେଣୁ ପାଠ ପଢ଼ା ଅଭ୍ୟାସ ସହିତ ସ୍ୱାସ୍ଥ୍ୟ ସଚେତନ ରହିବା ଦରକାର। ଏଥିପାଇଁ ହେଲଦି ଡାଏଟ ନିଅନ୍ତୁ। ଆଉଟଡୋର ଗେମ୍ କିମ୍ବା ଏକ୍ସରସାଇଜ କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଯେପରି ଭଲ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଅର୍ଥାତ୍ ମନରେ କୌଣସି ବୋଝ ରଖନ୍ତୁ ନାହିଁ। ନିଜକୁ ରିଲାକ୍ସ କରିବା ପାଇଁ କିଛି ସମୟ ପାଇଁ ମ୍ୟୁଜିକ ଶୁଣିବା, ମେଡିଟେଶନ୍ କରିବା କିମ୍ବା ପାଠ ମଝିରୁ ବ୍ରେକ ନେଇ ବାହାରକୁ ବୁଲିବାକୁ ଯିବା ଏସବୁ କାମ କରନ୍ତୁ। ନିଜର ସୁବିଧା ଅନୁସାରେ ଏ ସବୁ ପ୍ରତି ସଚେତନ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୫୯୨**
E-mail : s271169@gmail.com

---

**ଜ୍ଞାନ ବିଜ୍ଞାନ**

# ମଣିଷର ହସ: ବିଜ୍ଞାନ, ଆବେଗ ଓ ପ୍ରକୃତିର ଏକ ଅନନ୍ୟ ଉପହାର



**ସାଗରିକା ରାଉତ**
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ସାଧାରଣତଃ ଆମେ ପ୍ରାଣୀଜଗତର ବିଭିନ୍ନ ଦକ୍ଷତା ଏବଂ ବିଶେଷତ୍ୱ ବିଷୟରେ ଚିନ୍ତା କଲାବେଳେ ପ୍ରକୃତିର ଅନ୍ୟ ଜୀବମାନଙ୍କର ଅସାଧାରଣ କ୍ଷମତାକୁ ଆଶ୍ଚର୍ଯ୍ୟ ହୋଇ ଦେଖିଥାଉ। ଉଦାହରଣ ସ୍ୱରୂପ, ଆକାଶରେ ଉଡୁଥିବା ଚିଲର ତୀକ୍ଷ୍ଣ ଦୃଷ୍ଟିଶକ୍ତି, ରାତିରେ ଶିକାର ଖୋଜୁଥିବା ପେଚାର ଶ୍ରବଣଶକ୍ତି, ଜଙ୍ଗଲର ବିଶାଳକାୟ ହାତୀର ଅଦ୍ଭୁତ ଶକ୍ତି, ଦ୍ରୁତଗାମୀ ଚିତାବାଘର ଚମତ୍କାର ବେଗ ଏବଂ ପରିସ୍ଥିତି ଅନୁସାରେ ରଙ୍ଗ ବଦଳାଉଥିବା ଏଣ୍ଟୁଅର କ୍ଷମତାକୁ ଆମେ ସୁପରହ୍ୟୁମାନ୍ ବା ଅସାଧାରଣ ଗୁଣ ଭାବେ ଗ୍ରହଣ କରିଥାଉ । ଏହିପରି ଭାବରେ ପ୍ରାଣୀଜଗତର ପ୍ରତ୍ୟେକ ପ୍ରାଣୀଙ୍କ ପାଖରେ କିଛି ନା କିଛି ବିଶେଷ ଗୁଣ ରହିଛି । କିନ୍ତୁ ଯେତେବେଳେ ଆମେ ମଣିଷର କଥା ବିଚାର କରୁ, ସେତେବେଳେ ଆମର ସବୁଠାରୁ ବଡ଼ ଏବଂ ସୁନ୍ଦର ବିଶେଷତ୍ୱ କ'ଣ ହୋଇପାରେ ?

ପ୍ରଶ୍ନ ଉଠେ, ହସ କଥା କ'ଣ ? କେଉଁ ପ୍ରାଣୀଙ୍କ ମଧ୍ୟରେ ଆମେ ଏଭଳି ସୁନ୍ଦର ହସ ଦେଖିବାକୁ ପାଇବା ? ବୋଧହୁଏ ମାଙ୍କଡ଼ ବା ଏପ୍ ଜାତୀୟ ପ୍ରାଣୀମାନଙ୍କ ମଧ୍ୟରେ କିଛି ସାମଞ୍ଜସ୍ୟ ମିଳିପାରେ, କିନ୍ତୁ ସେମାନେ କେବେ ମଣିଷ ଭଳି ସ୍ୱାଭାବିକ ଭାବରେ ହସିପାରନ୍ତି ନାହିଁ । ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଗୃହପାଳିତ କୁକୁରର ମୁହଁ ଦେଖିଲେ ମନ ହୁଏ ଯେ ସେ ମଧ୍ୟ ହସୁଛି, କିନ୍ତୁ ପ୍ରକୃତରେ କୁକୁର ମଣିଷ ଭଳି ସେହି ସମାନ ଭାବନା ବା ଆବେଗକୁ ଅନୁଭବ କରୁ ନଥାଏ । କୁକୁରମାନେ ମଣିଷ ପରି ପ୍ରକୃତ ଅର୍ଥରେ ହସି ନଥାନ୍ତି। ଏ ସମ୍ପର୍କରେ ବିଷୟରେ ଜଣେ ସାତ ବର୍ଷର ଶିଶୁ ଖୁବ୍ ସୁନ୍ଦର ଭାବରେ କହିଥିଲା ଯେ, 'ସେମାନେ ହସନ୍ତି ନାହିଁ, ବରଂ ଦାନ୍ତ ଦେଖାଇ ଗ୍ରୀନ୍ କରନ୍ତି।' ଏହାହିଁ ହସ ଏବଂ ଦାନ୍ତ ଦେଖାଇବା ମଧ୍ୟରେ ଥିବା ପ୍ରକୃତ ପାର୍ଥକ୍ୟ, ଯାହାକୁ ଜଣେ ଛୋଟ ପିଲା ମଧ୍ୟ ବୁଝିପାରେ।

### ହସର ପ୍ରକାରଭେଦ ଓ ବିଭିନ୍ନ ରୂପ

ଆମ ଜୀବନରେ ହସର ବିଭିନ୍ନ ରୂପ ରହିଛି । ହସିବା, ଠୋ ଠୋ ହୋଇ ହସିବା, ମନ୍ଦ ହସିବା କିମ୍ବା କୁରୁକୁରୁ ହେବା – ଏ ପ୍ରତ୍ୟେକଟି ଅଭିବ୍ୟକ୍ତି ଭିତରେ କିଛି ନା କିଛି ଭାବନା ଲୁଚି ରହିଥାଏ। ପ୍ରତ୍ୟେକ ହସ ଆନନ୍ଦ, ପ୍ରେମ, ଉପହାସ, ଦୋଷୀ ଭାବ, ମନ୍ଦ ମୁରୁକି ହସ, ଛଳନା ଏପରିକି ମିଛ କହିବା ସମୟର ହସକୁ ମଧ୍ୟ ପ୍ରକାଶ କରିଥାଏ ।

ପ୍ରସିଦ୍ଧ ବିଜ୍ଞାନୀ ପଲ୍ ଏକମାନ୍, ଯିଏକି ମୁହଁର ଭାବଭଙ୍ଗୀ ଏବଂ ଆବେଗ ଅଧ୍ୟୟନରେ ବିଶ୍ୱର ଅଗ୍ରଣୀ ବିଶେଷଜ୍ଞ ଅଟନ୍ତି, ସେ ୧୯୮୫ ମସିହାରେ ପ୍ରକାଶିତ ତାଙ୍କର ପୁସ୍ତକ 'ଟେଲିଙ୍ଗ୍ ଲାଇସ୍'ରେ ହସର ବିଭିନ୍ନ ପ୍ରକାର ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ ମଣିଷର ହସର ସତରରୁ ଅଧିକ ପ୍ରକାର ରହିଛି। ଏହାଛଡ଼ା, ବିଶ୍ୱବିଖ୍ୟାତ ଚିତ୍ରକଳା 'ମୋନାଲିସା'ର ହସକୁ ନେଇ କଳାକାର ଓ ବିଜ୍ଞାନୀମାନେ ବହୁତ ଗବେଷଣା କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ କେହି ମଧ୍ୟ ନିଶ୍ଚିତ ଭାବରେ କହିପାରିବେ ନାହିଁ ଯେ ମୋନାଲିସା ପ୍ରକୃତରେ ହସୁଥିଲେ କି ନାହିଁ ।

### ମସ୍ତିଷ୍କ ଓ ଶରୀରର ମଧ୍ୟରେ ସମ୍ପର୍କ: ଡୁସେନ ହସ

ଯେତେବେଳେ ଜଣେ ବ୍ୟକ୍ତି ଜନଗହଳିପୂର୍ଣ୍ଣ ସ୍ଥାନରେ ଥାଏ ଏବଂ ହଠାତ୍ ତା'ର ଜଣେ ବହୁଦିନର ପ୍ରିୟ ବନ୍ଧୁ ଦୃଷ୍ଟିକୁ ଆସେ, ସେତେବେଳେ ଶରୀର ଓ ମନରେ ଏକ ଅଦ୍ଭୁତ ପରିବର୍ତ୍ତନ ଆସେ। ବନ୍ଧୁକୁ ଦେଖିବାକ୍ଷଣି ହାତ, ଗୋଡ଼ ଏବଂ ଶରୀରର ଅନ୍ୟାନ୍ୟ ଅଙ୍ଗରେ ଖୁସିର ଏକ ଲହର ଖେଳିଯାଏ ଏବଂ ଏହା ଏକ ପ୍ରକାର ଆନନ୍ଦଦାୟକ କାର୍ଯ୍ୟ ହୋଇଥାଏ।

ଏହି ସମୟରେ ଆମର ଇନ୍ଦ୍ରୀୟଗୁଡ଼ିକ ଅତ୍ୟନ୍ତ ସକ୍ରିୟ ହୋଇଉଠନ୍ତି । ଆବେଗର ଏହି ସମସ୍ତ ତଥ୍ୟ ସିଧାସଳଖ ମସ୍ତିଷ୍କର ବାମ ପାର୍ଶ୍ୱର୍ରେ ଥିବା ଫ୍ରଣ୍ଟ୍-ଟେମ୍ପୋରାଲ୍ ଅଞ୍ଚଳକୁ ପ୍ରବାହିତ ହୋଇଥାଏ । ଏହି ଅଞ୍ଚଳ ପରବର୍ତ୍ତୀ ସମୟରେ ମୁହଁର ଚର୍ମ ଏବଂ ମାଂସପେଶୀକୁ ସକ୍ରିୟ କରିବା ପାଇଁ ନିର୍ଦ୍ଦେଶ ପଠାଇଥାଏ ।

ମଣିଷର ଗାଲରେ ଥିବା ମୁଖ୍ୟ ମାଂସପେଶୀ (ଯାହାକୁ ଜାଇଗୋମାଟିକ୍ ମେଜର କୁହାଯାଏ) ଓଠକୁ ଉପରକୁ ଟାଣିଥାଏ ଏବଂ ଆଖିର ଚାରିପାଖରେ ଥିବା ଅନ୍ୟ ଏକ ମାଂସପେଶୀ (ଯାହାକୁ ଅରବିକ୍ୟୁଲାରିସ୍ ଓକୁଲି କୁହାଯାଏ) ଆଖିର କୋଣକୁ ସଙ୍କୁଚିତ କରି କାଉଗୋଡ଼ିଆ ଆକୃତି ସୃଷ୍ଟି କରିଥାଏ ।

ଫ୍ରାନ୍ସର ପ୍ରସିଦ୍ଧ ଶରୀରବିଜ୍ଞାନୀ ଗିଲୋମ୍ ଡୁସେନ୍ ମଣିଷର ମୁହଁର ବିଭିନ୍ନ ଭାବଭଙ୍ଗୀ ଉପରେ ଗବେଷଣା କରିଥିଲେ। ସେ ବିଭିନ୍ନ ମୁହଁର ମାଂସପେଶୀରେ ବୈଦ୍ୟୁତିକ ପ୍ରବାହ ପ୍ରୟୋଗ କରି ଏହି ପରୀକ୍ଷା କରିଥିଲେ । ଏହା ଏତେ ଯନ୍ତ୍ରଣାଦାୟକ ଥିଲା ଯେ ସ୍ୱେଚ୍ଛାସେବକମାନେ ବହୁ କଷ୍ଟ ଅନୁଭବ କରୁଥିଲେ । କିନ୍ତୁ ଏହି ଗବେଷଣାରୁ ଜଣାପଡ଼ିଲା ଯେ ପ୍ରକୃତ ଆବେଗ ଏବଂ ସଚ୍ଚୋଟ ଖୁସି କେବଳ ଆଖି ଓ ଗାଲର ମାଂସପେଶୀର ମିଳିତ ସମନ୍ୱୟରେ ହିଁ ପ୍ରକାଶ ପାଇଥାଏ । ଏହି ପ୍ରକାରର ସତସତିକା ହସକୁ ତାଙ୍କ ନାମ ଅନୁସାରେ 'ଡୁସେନ ହସ' କୁହାଯାଏ ।

### ଆଧୁନିକ ବିଜ୍ଞାନ ଓ ଏଫ୍ଏମ୍ଆରଆଇ ଗବେଷଣା

ଆଜିର ବୈଜ୍ଞାନିକ ଯୁଗରେ ପ୍ରକୃତ ହସ ଏବଂ ମିଛ ବା ସାମାଜିକ ହସ ମଧ୍ୟରେ ପାର୍ଥକ୍ୟ ଜାଣିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏଥିପାଇଁ ଫଙ୍କସନାଲ୍ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ ପ୍ରଯୁକ୍ତିର ସାହାଯ୍ୟ ନିଆଯାଉଛି। ମାଧ୍ୟମରେ ମସ୍ତିଷ୍କ ଭିତରେ ରକ୍ତ ପ୍ରବାହର ଗତିବିଧିକୁ ପରୀକ୍ଷା କରାଯାଇଥାଏ। କମ୍ପ୍ୟୁଟର ସ୍କ୍ରିନ୍‌ରେ ମସ୍ତିଷ୍କର କେଉଁ ଅଂଶ ଅଧିକ ସକ୍ରିୟ ରହିଛି, ତାହା ଏହା ଜରିଆରେ ସ୍ପଷ୍ଟ ଭାବରେ ଜାଣିହୁଏ।

କାଲିଫର୍ଣ୍ଣିଆ ଏବଂ ୱିସକୋନ୍ସିନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସେମାନଙ୍କ ଅଧ୍ୟୟନରେ ଏହା ପ୍ରମାଣ କରିଛନ୍ତି। ସେମାନେ ଫେସିଆଲ୍ ଆକ୍ସନ୍ କୋଡିଂ ସିଷ୍ଟମ୍ ବ୍ୟବହାର କରି ବିଭିନ୍ନ ବ୍ୟକ୍ତିଙ୍କ ମୁହଁର ହସକୁ ଗଭୀର ଭାବରେ ଅନୁଧ୍ୟାନ କରିଥିଲେ। ଏହି ପରୀକ୍ଷାରୁ ଜଣାପଡ଼ିଲା ଯେ ମଣିଷ ପାଇଁ ଡୁସେନ ହସ ହେଉଛି ସବୁଠାରୁ ଶ୍ରେଷ୍ଠ ଏବଂ ପ୍ରକୃତ ଆନନ୍ଦର ପରିପ୍ରକାଶ।

### ବିବର୍ତ୍ତନ, ଜିନ୍ ଏବଂ ଶିଶୁଙ୍କ ହସର ରହସ୍ୟ

ବିଜ୍ଞାନୀମାନଙ୍କ ମତରେ ହସ ହେଉଛି ଏକ ସଂକ୍ରାମକ ଜୈବିକ ପ୍ରକ୍ରିୟା । ଯେତେବେଳେ ଆମେ କାହାକୁ ହସୁଥିବାର ଦେଖୁ, ସେତେବେଳେ ଆମ ଭିତରେ ମଧ୍ୟ ହସିବାର ଏକ ସ୍ୱାଭାବିକ ପ୍ରବୃତ୍ତି ଜାଗ୍ରତ ହୋଇଥାଏ । ପ୍ରସିଦ୍ଧ ବିଜ୍ଞାନୀ ଚାର୍ଲସ ଡାରଓ୍ୱିନ୍ ୧୮୭୨ ମସିହାରେ ତାଙ୍କ ପୁସ୍ତକ 'ଦ ଏକ୍ସପ୍ରେସନ୍ ଅଫ୍ ଦି ଇମୋସନ୍ସ ଇନ୍ ମ୍ୟାନ୍ ଆଣ୍ଡ ଆନିମଲ୍ସ'ରେ ଉଲ୍ଲେଖ କରିଥିଲେ ଯେ ମୁହଁର ଏହି ଭାବଭଙ୍ଗୀଗୁଡ଼ିକ ମଣିଷର ବିବର୍ତ୍ତନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ।

ଏହା ବ୍ୟତୀତ, ଗବେଷଣାରୁ ଜଣାପଡ଼ିଛି ଯେ ଜନ୍ମରୁ ଅନ୍ଧ ଥିବା ବ୍ୟକ୍ତିମାନେ ମଧ୍ୟ ସାଧାରଣ ଲୋକଙ୍କ ପରି ସମାନ ଭାବରେ ହସିପାରନ୍ତି । ଏହାର ଅର୍ଥ ହେଲା ହସିବାର କୌଶଳ କେବଳ ଦେଖି କପି କରାଯାଏ ନାହିଁ, ବରଂ ଏହା ଆମ ଜିନ୍ ଏବଂ ବଂଶଗତ ଗୁଣ ଭାବରେ ଶରୀରରେ ପ୍ରୋତିତ ହୋଇ ରହିଥାଏ ।

ମାଆ ଗର୍ଭରେ ଥିବା ସମୟରୁ ଆରମ୍ଭ କରି ନବଜାତ ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ହସ ଦେଖିବାକୁ ମିଳିଥାଏ । ତ୍ରି-ପରିମାଣୀୟ ଅଲଟ୍ରାସାଉଣ୍ଡ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଏହା ଜଣାପଡ଼ିଛି ଯେ ଗର୍ଭସ୍ଥ ଶିଶୁମାନେ ମଧ୍ୟ ଗର୍ଭ ଭିତରେ ହସିଥାନ୍ତି। ଜନ୍ମ ହେବା ପରେ ଶିଶୁମାନେ ପ୍ରଥମେ ନିଜର ନିଦ କାଳରେ ଏବଂ ପରେ ମାନବ କଣ୍ଠସ୍ୱର ଶୁଣି ହସିବାକୁ ଲାଗିଥାନ୍ତି।

ଶେଷରେ, ହସ ହେଉଛି ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ । ଏହା କେବଳ ଆମ ଚେହେରାକୁ ସୁନ୍ଦର କରେ ନାହିଁ, ବରଂ ଆମ ଜୀବନକୁ ଅଧିକ ସୁସ୍ଥ, ଆନନ୍ଦଦାୟକ ଏବଂ ହସଖୁସିରେ ଭରିଦେଇଥାଏ।

# ବିପଦ ଡ଼ାକୁଛି ପ୍ଲାଷ୍ଟିକ ଓ ରାସାୟନିକ ରଙ୍ଗ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ସରିଲା ଦୁର୍ଗାପୂଜା, ଆଗକୁ ଦୀପାବଳି, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା ଆଉ ବାଲିଯାତ୍ରା। ସଂପ୍ରତି ମୂର୍ତ୍ତିକାରିଗରୀରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତ୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି। ଏହା ଆମ ସମସ୍ତଙ୍କ ପାଇଁ ଘାତକ। ସଚେତନତାକୁ ବ୍ୟାପକ କରିବା ସହ ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଲୋଡ଼ା।**





ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମ ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳୀ ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ । ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ବ୍ୟାପକ ଜଳ ସମ୍ପଦକୁ ପ୍ରଦୂଷିତ କରିବା ସହ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ଚର୍ମ ଓ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସଂକ୍ରମିତ କରି ରୋଗାକ୍ରାନ୍ତର ସମ୍ଭାବନା ଦେଖାଯାଇଥାଏ । ବଡ଼ଦୁଃଖର କଥା ହେଉଛି ଆମେ ସମସ୍ତେ ଏହାକୁ ଜାଣି ବି ବ୍ୟାପକ ଭାବରେ ସଚେତନ ନ ହେବାରୁ ଏହାକୁ ନେଇ ଚାରିଆଡ଼େ ଏକ ପ୍ରକାର ନୀରବତାର ହୋହଲ୍ଲା !! ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁୱବଲ ରଙ୍ଗ ଏବଂ ଶେଷରେ ସେଡିଂ  ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ । ପରବର୍ତ୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ବି ନାଚାର । ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମାଗ୍ନେସିୟ, ମୋଲିବଡ଼େନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି । ମାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ । ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ । ଯାହା ଜାପାନ୍‌ରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା । ଜାପାନର 'ମିନମାତା' ଅଞ୍ଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା । ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ । ସୂଚନାଯୋଗ୍ୟ ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ବେଶ୍ ନାଁ ଥିବା ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ । ମୂର୍ତ୍ତି କାରିଗରମାନେ ସେମାନଙ୍କ ମନମୁତାବକ ନିଜ ଲାଭକୁ ଦେଖି ଶସ୍ତା ଓ ନିମ୍ନ ମାନର ରଙ୍ଗ ବ୍ୟବହାର କରୁଛନ୍ତି । କିନ୍ତୁ ଦିନ ଥିଲା ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା । ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଞ୍ଚଳର ଫୁଲ, ଶଙ୍ଖଚିହ୍ନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା । କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷ ଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣି କାରିଗରମାନେ ଏହି ପ୍ରଦୂଷଣ ବିପର୍ଯ୍ୟୟ କରିବାକୁ ପଛାଉ ନାହାଁନ୍ତି ।






ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ବାସ୍ତବରେ କିନ୍ତୁ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟରେ କିନ୍ତୁ ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାଁନ୍ତି । ସବୁଠାରୁ ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହେଉଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ପ୍ରଧାନ ଓ ସର୍ବୋତ୍ତମ ଶ୍ରେଷ୍ଠ କର୍ତ୍ତବ୍ୟ । ରାଜ୍ୟର ଅନେକ ସ୍ଥାନରେ ନଦୀ, ନାଳ ଜଳକୁ ଲୋକମାନେ ନିଜର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ଠାରୁ ଜୀବନ ରକ୍ଷକ ପିଇବା ପାଣି, ଗାଈ ଗୋରୁମାନଙ୍କ ବ୍ୟବହାର କରିଥାନ୍ତି । ଏହି ରାସାୟନିକ ପ୍ରଦୂଷଣ ଭୟାନକ ଭାବେ ନଦୀ ନାଳକୁ ସଂକ୍ରମିତ କରିଚାଲୁଥିବାବେଳେ ଏହାକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ସିଧାସଳଖ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହୋଇଥାନ୍ତି । ସେହିପରି ଗାଈଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱଭାବିକ ଭାବେ ଅସୁସ୍ଥ ହୋଇଥାଏ । କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶ ଭାବରେ ଯେଉଁ ଗୁରୁତର ଭାବେ ପ୍ରଭାବ ପକାଇଥାଏ ଏହାଦ୍ୱାରା ଚାଷବାସ ମଧ୍ୟ ପ୍ରଭାବିତ ହୋଇଥାଏ ବୋଲି କୃଷିବିଜ୍ଞାନୀ ମାନେ ମତ ଦିଅନ୍ତି । ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ । ଆଉ ଗୋଟିଏ କଥା ହେଉଛି ଯେଉଁ ମୂର୍ତ୍ତି କାରିଗରମାନେ ସ୍ପ୍ରେ ଦ୍ୱାରା ଏହି ଭୟାନକ ରାସାୟନିକ ରଙ୍ଗ ମୂର୍ତ୍ତିରେ ଦେଇଥାନ୍ତି ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହୋଇ ସେମାନଙ୍କ ଚର୍ମରେ ଏକ ପ୍ରକାର ବିକିରଣର ପ୍ରଭାବ ପକାଇ ଏହା ସେମାନଙ୍କ ଶରୀରକୁ ରୋଗାକ୍ରାନ୍ତ କରିଥାଏ । ମୂର୍ତ୍ତି ବିସର୍ଜନ ବେଳେ ଯେଉଁ ପ୍ରକାର ପ୍ରଦୂଷଣ ହେଉଛି ଓ ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ମାନ୍ୟବର ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାଁନ୍ତି କିମ୍ବା ଏହାର ପ୍ରଚାର ପ୍ରସାର ପାଇଁ ସେପରି କୌଣସି ସଚେତନତା ସୃଷ୍ଟି ନ ହେଉଥିବାରୁ  ଦିନକୁ ଦିନ ଏହି ପ୍ରଦୂଷଣ ବୃଦ୍ଧି ପାଉଥିଲେ ବି ଏହାକୁ ନେଇ ସାଧାରଣରେ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ହେଉନାହିଁ ।




**ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର



# ଦୈନନ୍ଦିନ ଚାଲିବା ଦ୍ୱାରା ମସ୍ତିଷ୍କ ରହେ ସୁସ୍ଥ

ଡାକ୍ତର ରାମପ୍ରସାଦ ରାୟ

**ମର୍କତ ନଗରର 'ଅନୁପମା' ମାଡାମ ପ୍ରତିଦିନ କିଛି ବାଟ ଚାଲନ୍ତି। ସଂଗୀତରେ ରୁଚି ରଖିଥିବା ଅନୁପମା ମାଡାମ କୁହନ୍ତି ଯେ ସକାଳର ମୁକ୍ତ ପବନ ଆଉ ନିର୍ମଳ ପରିବେଶ ଭିତରେ କିଛି ବାଟ କସରତ କରିବା ଦ୍ୱାରା ସେ ତାଙ୍କ ସଂଗୀତ ପାଇଁ ଏକ ପ୍ରକାର ଜୀବନ ପ୍ରେରଣା ପାଇଥାନ୍ତି। ଭାତ ହାଣ୍ଡିରୁ ଇଏ ଗୋଟିଏ। ଆଜିକାଲି ଲୋକମାନଙ୍କ ଭିତରେ ସକାଳୁ କିଛି ବାଟ ଚାଲିବା ଏକ ଭଲ ଅଭ୍ୟାସରେ ପରିଣତ ହେଲାଣି। ତେବେ ଚାଲିବା ସମୟରେ ମଧ୍ୟ କିଛି ସର୍ବନିମ୍ନ ସଚେତନତା ଓ ସତର୍କତା ରହିଛି।**





ପ୍ରତିଦିନ ସକାଳେ କିମ୍ବା ରାତିରେ ଚାଲିବା ଅଭ୍ୟାସ କରୁଛନ୍ତି କି ? ଆପଣଙ୍କ ଦୈନନ୍ଦିନର ପାଦଚଲା କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ନାହିଁ, ବରଂ ଏହା ଆପଣଙ୍କ ମସ୍ତିଷ୍କ ପାଇଁ ମଧ୍ୟ ଲାଭଦାୟକ। ସାଧାରଣ ଚାଲିବା ଅଭ୍ୟାସ ମଧ୍ୟ ଆପଣଙ୍କ ସ୍ନାୟୁଗତ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ। ଚାଲିବାକୁ ଅନେକ କମ ପରିଶ୍ରମର କାମ ବୋଲି ଭାବି ଥାଆନ୍ତି, କିନ୍ତୁ ଯେତେବେଳେ ଆପଣ ଚାଲନ୍ତି, ସେତେବେଳେ ମସ୍ତିଷ୍କ ଭିତରେ ବହୁତ କିଛି କାର୍ଯ୍ୟ ଚାଲୁ ରହିଥାଏ। ନ୍ୟୁରୋଲୋଜିଷ୍ଟଙ୍କ କହିବା ଅନୁଯାୟୀ ଯେତେବେଳେ ଆପଣ ଚାଲନ୍ତି ଆପଣଙ୍କ ମସ୍ତିଷ୍କ ଏକ ସମୟରେ ଅନେକ କାମ କରିଥାଏ। ଯେପରି ଆପଣଙ୍କ ଆଖି, କାନ, ମାଂସପେଶୀ ଓ ଗଣ୍ଠିରୁ ସୂଚନା ଗ୍ରହଣ କରିଥାଏ। ପାଦ କେଉଁଠି ପଡ଼ିବ ତାହା ସ୍ଥିର କରିବା, ଭାରସାମ୍ୟ ରକ୍ଷା କରିବା ଓ ଗତି ନିୟନ୍ତ୍ରଣ କରିବାରେ ମସ୍ତିଷ୍କ କାମ କରେ। ରାସ୍ତାରେ ହଠାତ୍ କିଛି ଆସିଗଲେ ତୁରନ୍ତ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରେ। ଏହାଛଡ଼ା ନିୟମିତ ଚାଲିବା ଦ୍ୱାରା ହୃତପିଣ୍ଡ ଭଲ ରହିବା ସହିତ ରକ୍ତଚାପ, ରକ୍ତ ଶର୍କରା ଓ ଓଜନ ନିୟନ୍ତ୍ରଣରେ ରହିଥାଏ। ଏହିସବୁ କାର୍ଯ୍ୟ ମସ୍ତିଷ୍କର ରକ୍ତନଳୀଗୁଡ଼ିକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଯେଉଁମାନେ ଦିନସାରା ବସି କାମ କରନ୍ତି ଓ ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ପ୍ରାୟତଃ ମାନସିକ କ୍ଲାନ୍ତି, ଏକାଗ୍ରତାର ଅଭାବ କିମ୍ବା ପୂର୍ବପରି ଚଞ୍ଚଳ ନ ରହିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଚାଲିବା ଦ୍ୱାରା ଏହି ସବୁ ସମସ୍ୟା ଦୂର ହୋଇଥାଏ। ପ୍ରତିଦିନ ଚାଲିବା ଦ୍ୱାରା ସ୍ମରଣ ଶକ୍ତିରେ ଉନ୍ନତି ଆସିଥାଏ ଓ ନିଷ୍ପତ୍ତି ନେବା ଭଳି ଜ୍ଞାନଗତ କ୍ଷମତା ବୃଦ୍ଧି ପାଇଥାଏ। ଏହା ଶିକ୍ଷା ଓ ସ୍ମୃତି ଶକ୍ତି ସହିତ ଜଡ଼ିତ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଚାଲିବା ସିଧାସଳଖ ସ୍ମୃତିଶକ୍ତି ବଢ଼ାଇବା ସହିତ ଜଡ଼ିତ ନଥିଲେ ମଧ୍ୟ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯଦି ଚାଲିବା ଶୈଳୀରେ ହଠାତ୍ ପରିବର୍ତ୍ତନ ହେତୁ ବାରମ୍ବାର ପଡ଼ିଯିବା କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦିଏ, ତେବେ ନ୍ୟୁରୋଲୋଜିଷ୍ଟ ପରାମର୍ଶ ନେବା ଉଚିତ।

ପ୍ରତିଦିନ କିଛି ବାଟ ଚାଲିବା ଏକ ଅତ୍ୟନ୍ତ ଶାରୀରିକ ଓ ମାନସିକ ଦୃଷ୍ଟିକୋଣରୁ ଭଲ ଅଭ୍ୟାସ। ନିତ୍ୟକର୍ମ ପରେ ବାହାରର ଖୋଲା ସ୍ଥାନରେ କିଛି ବାଟ ଚାଲନ୍ତୁ। ଧୂଳି, ଧୂଆଁ ଠାରୁ ଦୂରେଇ ରୁହନ୍ତୁ ଏବଂ ଚାଲିବା ସମୟରେ ଗପିବା କିମ୍ବା ଗୀତ ଶୁଣିବା ଅଭ୍ୟାସ ନ ରଖିବା ଭଲ। ନିରବତାର ସହିତ ଲମ୍ବା ଲମ୍ବା ପାହୁଣ୍ଡର ଦୀର୍ଘ ନିଃଶ୍ୱାସ ନେଇ ଚାଲିବା ଦ୍ୱାରା ଶରୀର ଭିତରେ ଏକ ପ୍ରକାର ଉର୍ଜ୍ଜା ଶକ୍ତି ମିଳିଥାଏ। ତେବେ ପ୍ରତିଦିନ ଚାଲିବାର ଏକାଗ୍ରତାକୁ କେବେ ଭାଙ୍ଗନ୍ତୁ ନାହିଁ। ଚାଲି ଫେରିବା ପରେ କିଛି ଘରୋଇ ଜୁସ୍ ବା ସୁପ୍ ପିଇ ପାରନ୍ତି, କିନ୍ତୁ କୌଣସି ପରିସ୍ଥିତିରେ ବିଛଣାକୁ ଯାଆନ୍ତୁ ନାହିଁ। ସବୁଜ ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ହଁ, ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଖାଦ୍ୟ ଖାଇ ଚାଲିବାକୁ ଯାଆନ୍ତୁ ନାହିଁ। ଏହାଦ୍ୱାରା ଶରୀର ଅସହଜ ଓ ପାଚନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ପ୍ରାତଃ ଭ୍ରମଣ ଦ୍ୱାରା ଭଗବାନ ସୂର୍ଯ୍ୟଦେବଙ୍କ ଦର୍ଶନ କରି ତାଙ୍କ ସକାଳର ପ୍ରଥମ କିରଣ ଆପଣଙ୍କ ଉପରେ ଆଶୀର୍ବାଦ ଭାବେ ପଡୁଛି ବୋଲି ଗ୍ରହଣ କରନ୍ତୁ। ଦେଖିବେ ଆପଣଙ୍କର ସେ ଦିନଟି ମଧ୍ୟ ଆନନ୍ଦମୟ ହୋଇ ଉଠିବ।

**କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୮୨୬୦୪୦୮୮୩୬**

## ମାନବସେବାର ଏକ ବଳିଷ୍ଠ ପ୍ରେରଣା :

# ଯୁବ ରକ୍ତଦାତା ଇଂ.ସତ୍ୟମ ଦାସ

ପର ଉପକାର ଏକ ମାନବୀୟ ଗୁଣ। ସମାଜସେବା କଥା କହିଲେ ମନରେ ଆସେ ସେହି ବରେଣ୍ୟ ମହାପୁରୁଷ ମାନଙ୍କ କାହଣୀ ଆଉ ବାଣୀ। ସେହିମାନଙ୍କ ଜାତୀୟବାଦୀ ଚିନ୍ତା ଚେତନା କାର୍ଯ୍ୟଧାରା ଆମ ସମୟର ଆଦର୍ଶ ଆଉ ଉଦାହରଣ। ସମାଜର ପରିବର୍ତ୍ତନ ବା ବିକାଶ ଘଟିଲେ ଆମେ ଉନ୍ନତି କରି ପାରିବା। ସେହି ଆଦର୍ଶରେ ଅନୁପ୍ରାଣିତ ଅନେକଙ୍କ ମଧ୍ୟରେ ଏକ ଯୁବ ସାମାଜିକ କର୍ମୀ, ରକ୍ତଦାତା, ଦକ୍ଷ ସଙ୍ଗଠକ ସତ୍ୟମ ଦାସ(ନନ୍ଦୁ) ଯେକି ରକ୍ତଦାନର ଏକ ପରିଚିତ ନାମ। ସେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦେହୁରି ଆନନ୍ଦପୁର ପୋଷ୍ଟ ଅନ୍ତର୍ଗତ ମାନାଳାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ପିତାଙ୍କ ନାମ ପ୍ରଫୁଲ୍ଲ କୁମାର ଦାସ ଏବଂ ମାତାଙ୍କ ନାମ ମଞ୍ଜୁଳା ଦାସ। ସେ କୌସ୍ତୁଭ ସ୍କୁଲ ଅଫ ଇଞ୍ଜିନିୟରିଂରୁ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଡିପ୍ଲୋମା ପାସ୍ ପରେ ଅଧୁନା ଘରୋଇ ଉଦ୍ୟୋଗରେ କାର୍ଯ୍ୟ କରୁଛନ୍ତି।

କାହାର ଜୀବନ ବଞ୍ଚାଇବା ପାଇଁ ଯେତେବେଳେ ରକ୍ତ କିମ୍ବା ପ୍ଲାଟେଲେଟ୍‌ର ଜରୁରୀ ଆବଶ୍ୟକତା ପଡ଼େ ସେତେବେଳେ ସହଯୋଗର ହାତ ବଢ଼ାଇବାକୁ ସତ୍ୟମ ସଦା ଆଗେଇ ଆସନ୍ତି। ରକ୍ତର ଆବଶ୍ୟକତା ସମୟରେ ସେ ଆମ ସମୟର ଦେବଦୂତ ଆଉ ଆଶାର କିରଣ। ଉଦାହରଣ ସ୍ୱରୂପ ଜଣେ ରୋଗୀଙ୍କ ପ୍ଲାଟେଲେଟ୍ କାଉଣ୍ଟ ୩୦୦୦କୁ କମି ଯାଇଥିବାରୁ ଜରୁରୀ ଏସଡିପି ଆବଶ୍ୟକ ହୋଇଥିଲା ବେଳେ ଝଡ଼ ବର୍ଷାକୁ ଖାତିର ନକରି ସେ ସମ୍ ହସ୍ପିଟାଲ ଯାଇ ନିଜର ୧୧୭ ତମ ଏବି + ଏସଡିପି ଦାନ କରିଛନ୍ତି। ତାଙ୍କ ରକ୍ତଦାନର ରେକର୍ଡ ସମୀକ୍ଷା ମଧ୍ୟରେ ସେ ଏସଡିପି ୧୧୭ ଥର, ସାଧାରଣ ରକ୍ତଦାନ ୪୦ ଥର ଏପରି ୩୩ ବର୍ଷ ବୟସରେ ମୋଟ ୧୫୭ ଥର ରକ୍ତଦାନ କରି ମାନବସେବା ପ୍ରତି ଏକ ନିଷ୍ଠା ଓ ଅନ୍ୟ ମାନଙ୍କୁ ସେବା ପାଇଁ ପ୍ରେରଣା ଦେଉଥିବା ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛନ୍ତି। ଆମେ ସମସ୍ତେ ମଧ୍ୟ ଆବଶ୍ୟକ ସମୟରେ ଆଗେଇ ଆସିବାକୁ ସେ ସାଧାରଣରେ ନିବେଦନ କରିଛନ୍ତି। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ନେଇ ସେ ଜନସଚେତନତା ସୃଷ୍ଟି କରିବା, ଏହି ଦିଗରେ ଖୁବ୍ ତତ୍ପର। ଆଜିର ଯୁବ ସମାଜ ରକ୍ତଦାନ ଭଳି ମହତ୍ ଆଉ ମହାନ୍ ସେବାକୁ ହୃଦୟରେ ସ୍ଥାନ ଦେବା ବିଧେୟ। ଆପଣଙ୍କ ଗୋଟିଏ ରକ୍ତଦାନ କାହା ପାଇଁ ଆଶାର କିରଣ ହୋଇପାରେ। ତାଙ୍କ ଆହ୍ୱାନ ଆସନ୍ତୁ ଏକ ସ୍ୱରରେ କହିବା ରକ୍ତଦାନ କରନ୍ତୁ ଜୀବନ ବଞ୍ଚାନ୍ତୁ। ସେ ରକ୍ତ



ଦାନକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଆଜି ସେହି ଦିଗରେ ଖୁବ୍ ଅଗ୍ରସର । ସେ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ ଆଉ ସବୁଠି ଜଣେ ଆଦରଣୀୟ ବ୍ୟକ୍ତିତ୍ୱର ପରିଚୟ ଲାଭ କରିଛନ୍ତି। ଆଜିର ସମାଜରେ ରକ୍ତ ସମସ୍ୟାର ସମାଧାନ ପାଇଁ ଆମେ ସମସ୍ତେ ଏକାଠି ହୋଇ ଏହି ଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଜରୁରୀ। ଏହି ମହାନ୍ ଯୁବ ପ୍ରତିଭାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ।

---

# ପୁରୀର କୁମାର ଉତ୍ସବ : ଅତୀତର ଅଭିଜ୍ଞାନ

**ଶ୍ରୀକାନ୍ତ ମହାନ୍ତି**

ଷାଠିଏ ବର୍ଷର ତଳର ପୁରୀ। ନା ସେତେବେଳେ ଟିଭି ଥିଲା ନା ରଙ୍ଗିନ ଫଟୋଗ୍ରାଫି। ସିଂହଦ୍ୱାରଠାରୁ ବଡ଼ଶଙ୍ଖ ଯାଏଁ ପୁରୀର ପତିଆରା। ବଳିଆପଣ୍ଡା ଠାରୁ ଚକ୍ରତୀର୍ଥ ଯାଏଁ ସମୁଦ୍ର କୂଳ ବର୍ଷର ଛ' ମାସ ଫାଙ୍କା ରହୁଥିଲା। ୧୦–୧୨ଟି ହୋଟେଲ ଓ ଲଜ୍ ସମୁଦ୍ର କୂଳରେ। ସେସବୁ କଲିକତାର ସୌଖୀନ ବଙ୍ଗାଳୀ ପରିବାରଙ୍କ ପାଇଁ । ମାରୁଆଡ଼ି ଓ ପଶ୍ଚିମ ଭାରତର ତୀର୍ଥଯାତ୍ରୀମାନେ ବଡ଼ ଦାଣ୍ଡର ଧର୍ମଶାଳା ଓ ପଣ୍ଡାମାନଙ୍କର ବସାଘରେ ଡେରା ପକାନ୍ତି ଦଳ ଦଳ ହୋଇ। ଗୋଟିଏ ସାଧାରଣ କଲେଜ, ଯାହାର ନାମ ଥିଲା 'ସାମନ୍ତ ଚନ୍ଦ୍ରଶେଖର କଲେଜ' । ଆଉ ଗୋଟିଏ ମହିଳା କଲେଜ, ଯେଉଁଥରେ କେବଳ କଳା ବିଷୟ ପଢ଼ା ହେଉଥଲା। ଜିଲ୍ଲା ସ୍କୁଲକୁ ମିଶାଇ ପୁରୀରେ ଚାରୋଟି ହାଇସ୍କୁଲ ଓ ଗୋଟିଏ ସରକାରୀ ବାଳିକା ସ୍କୁଲ। ଦ୍ୱିତୀୟ ବାଳିକା ସ୍କୁଲଟି ଆରମ୍ଭ ହୋଇଥାଏ ସେହି ସମୟରେ। ତିନି–ଚାରୋଟି ସଙ୍ଗୀତ ସ୍କୁଲ ପାଇଁ ଛାତ୍ରଛାତ୍ରୀ ମିଳନ୍ତିନି। ନୃତ୍ୟ ଶିକ୍ଷକ ଭାବେ ଦୁଇଜଣଙ୍କର ନାଁ ଥାଏ। ସେ ଦୁହେଁ ହେଲେ ଅନ୍ୟଗୁରୁ ପଙ୍କଜ ଚରଣ ଦାସ ଓ ତାଙ୍କ ଶିଷ୍ୟ ଗୁରୁ କେଳୁଚରଣ ମହାପାତ୍ର। ସେତେବେଳେ ପଙ୍କଜ ଚରଣ ଭୁବନେଶ୍ୱରରେ ଏବଂ କେଳୁଚରଣ କଟକରେ ଆସ୍ଥାନ ଜମାଇ ମଝିରେ ମଝିରେ ପୁରୀ ଆସୁଥାନ୍ତି ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବର୍ଷାଋତୁରେ କେଇଦିନ ନାଟକ ମଞ୍ଚସ୍ଥ ହୁଏ । ପୁରୀ ବାହାରେ ଅନ୍ୟ ସହରରେ ଯାହା ରୋଜଗାର ହୋଇଥାଏ, ବର୍ଷାଦିନେ ସେତକ ଖର୍ଚ୍ଚ ହୁଏ । ଅଧିକାଂଶ ଦିନ ପ୍ରେକ୍ଷାଳୟ ଫାଙ୍କା ପଡ଼ିଥାଏ । କେବଳ ତିନୋଟି ଯାକ ସିନେମା ହଲ୍ ଶ୍ରୀକୃଷ୍ଣ, ଜନତା ଓ ଲକ୍ଷ୍ମୀ ଟକିଜର ବ୍ୟବସାୟ ଜମିଥାଏ । ସେ ସମୟରେ ପୁରୀରେ ସାହିଯାତ ଛଡ଼ା ଅନ୍ୟ କୌଣସି ସାଂସ୍କୃତିକ ଉତ୍ସବ ହେଉ ନଥିଲା । ସାହିଯାତ ଥିଲା ପୁରୀର ପାରମ୍ପରିକ ସମରକଳା ଓ ଲୋକନୃତ୍ୟ ପ୍ରଦର୍ଶନରେ ସୀମିତ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀରେ କୁମାର ଉତ୍ସବ ସମିତିର ସୃଷ୍ଟି ହେଲା ୧୯୬୮ ମସିହାରେ, ଶାରଦୀୟ ପାର୍ବଣ ପରିବେଶଙ୍କୁ ସାଂସ୍କୃତିକ ଚେତନାରେ ଉଦ୍‌ବୁଦ୍ଧ କରିବାପାଇଁ। ପୁରୀର କିଛି ସଂସ୍କୃତିପ୍ରେମୀ ଯୁବଗୋଷ୍ଠୀଙ୍କ ମିଳିତ ପ୍ରଚେଷ୍ଟାରେ ଅଜସ୍ର ଶ୍ରଦ୍ଧା, ଅଫୁରନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର କଲେଜ ଅଡିଟୋରିୟମରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପ୍ରଥମ କୁମାର ଉତ୍ସବ।

କୁମାର ଉତ୍ସବ ସମିତି, ପୁରୀର ପ୍ରଥମ ସଭାପତି ଥିଲେ ସାମନ୍ତ ଚନ୍ଦ୍ରଶେଖର କଲେଜର ତତ୍କାଳୀନ ଅଧ୍ୟକ୍ଷ ଡ. ଶ୍ରୀନିବାସ ସାହୁ ଓ ସଂପାଦକ ରହିଥିଲେ ଆଡ଼ଭୋକେଟ ବିଶ୍ୱନାଥ ଷଡ଼ଙ୍ଗୀ। ପୁରୀର ଓଡ଼ିଶା ସଙ୍ଗୀତ ପରିଷଦ, ସଙ୍ଗୀତ କଳା ପ୍ରତିଷ୍ଠାନ, କାଳୀ ସଙ୍ଗୀତ ନୃତ୍ୟ ନାଟ୍ୟ ସଂସଦ, ପ୍ରଣତି କଳା ମନ୍ଦିର, କିଶୋର କ୍ଲବ, ଶିଳ୍ପୀ ନାଟକ ଏକାଡ଼େମୀ ପ୍ରଭୃତି କଳାନୁଷ୍ଠାନ କୁମାର ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିଲେ ।

ସେତେବେଳେ ସମିତିର ସଭ୍ୟମାନେ ଟେବୁଲ ଖଞ୍ଜି ମଞ୍ଚ ପ୍ରସ୍ତୁତି କରିବା ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଠାରୁ ଚାନ୍ଦା ଆଦାୟ ଓ ଅନୁଷ୍ଠାନରୁ ଅନୁଷ୍ଠାନକୁ ବୁଲି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳାକାର ଯୋଗାଡ଼ କରୁଥିଲେ। ଏହି ଅନୁଷ୍ଠାନର ଆଦ୍ୟ ଆବିର୍ଭାବ ହୋଇଥିଲା ୧୯୬୮ ମସିହାରେ ଏବଂ ଏହା ସରକାରୀ ଭାବେ ପଞ୍ଜିକୃତ ହୋଇଥିଲା ୧୯୮୩ରେ।

କୁମାର ଉତ୍ସବ ସମିତିର ମୁଖ୍ୟ ଆଭିମୁଖ୍ୟ ଥିଲା ସହରର ସମସ୍ତ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଶିଳ୍ପୀମାନଙ୍କୁ ନେଇ ଏକତ୍ରିତ କରି ବର୍ଷକରେ ଥରେ ସାଂସ୍କୃତିକ ସମାବେଶର ଆୟୋଜନ। ତେଣୁ କୁମାର ଉତ୍ସବ ଅର୍ଜନ କରିଥିଲା ବେଶ୍ ଲୋକପ୍ରିୟତା। ଉତ୍ସବରେ ପୁରୀର ସମସ୍ତ ପ୍ରସିଦ୍ଧ ବରିଷ୍ଠ ଓ କନିଷ୍ଠ ନାଟ୍ୟଭିନେତା, ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରୁଥିଲେ। ସମୟକ୍ରମେ ଏହା ଶ୍ରୀକ୍ଷେତ୍ରର ଏକ ସାଂସ୍କୃତିକ ପରମ୍ପରାରେ ପରିଣତ ହୋଇପାରିଛି। ସେ ସମୟରେ ଉତ୍ସବର ବଜେଟ ଥିଲା ମାତ୍ର କେଇଶହ ଟଙ୍କା। ସେଥିରେ ପୁଣି ପ୍ରକାଶ ପାଉଥିଲା ବତିଶ ପୃଷ୍ଠା ସମ୍ବଳିତ କ୍ରାଉନ୍-୪ ସାଇଜର ଶୋଭନୀୟ ସ୍ମରଣିକା। ଦୋଳମଣ୍ଡପ ସାହିର ଟାଉନ୍ ପ୍ରେସ୍, ବାସେଳୀ ସାହିର ମହାବୀର ପ୍ରିଣ୍ଟର୍ସ ସ୍ମରଣିକାର ଛପା ଦାୟିତ୍ୱ ବହନ କରୁଥିଲେ। ନିମନ୍ତ୍ରଣ ପତ୍ର ଛପାଶୈଳୀରେ ଥିଲା ଏକ ସ୍ୱତନ୍ତ୍ର। ପୋଷ୍ଟକାର୍ଡ ସାଇଜର କାର୍ଡ଼ରେ କେବଳ ଲେଖା ଯାଉଥିଲା 'କୁଆଁର ପୁନେଇଁ ଡାକରା' ଏବଂ ସ୍ଥାନ ଓ ତାରିଖ। ନିମନ୍ତ୍ରଣ ପତ୍ରରେ କୌଣସି ଅତିଥି କିମ୍ବା କର୍ମକର୍ତ୍ତାଙ୍କ ନାମ ଉଲ୍ଲେଖ ରହୁ ନଥିଲା। ନିମନ୍ତ୍ରଣ ପତ୍ର ଓ ସ୍ମରଣିକାର ପ୍ରଚ୍ଛଦ ଆଙ୍କୁଥିଲେ ଅଧ୍ୟାପକ ପ୍ରତାପ ପଟ୍ଟନାୟକ ଓ ରମାକାନ୍ତ ସାହୁ।

ସେତେବେଳେ ଉତ୍ସବ ଆୟୋଜନରେ ଚିତ୍ତରଞ୍ଜନ ମିଶ୍ର, ନାରାୟଣ ପ୍ରସାଦ ସିଂହ, ସନ୍ତୋଷ କୁମାର ମିଶ୍ର, ବିଜୟ କୁମାର ପଟ୍ଟନାୟକ, ଉମାକାନ୍ତ ସାହୁ, ନୃସିଂହ ଷଡ଼ଙ୍ଗୀ, ଉମା ପ୍ରସାଦ ମହାନ୍ତି, ବିଶ୍ୱ ମିଶ୍ର, ସୁଧାଂଶୁ ମହାପାତ୍ର ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିଲେ। ପରବର୍ତ୍ତୀ ସମୟରେ ବହୁ ଯୁବପିଢ଼ି ଏଥିରେ ସାମିଲ ହୋଇ ଅନୁଷ୍ଠାନକୁ ଆଗେଇ ନେବାରେ ସଂକଳ୍ପବଦ୍ଧ ହୋଇଛନ୍ତି।

୧୯୬୭ରେ ପ୍ରଥମେ କୁମାର ପୂର୍ଣ୍ଣିମା ଅବସରରେ ବିରାଟ ସାଂସ୍କୃତିକ ସମାରୋହର ଆୟୋଜନ ହୋଇଥିଲା ସିଲଭର୍ ସିଟି କଟକର ବାରବାଟୀ ଷ୍ଟାଡ଼ିୟମରେ। ସେତେବେଳେ ସମ୍ଭବତଃ ଏହାଥିଲା କଟକର ବଡ଼ ଶାରଦୀୟ ମିଳନ। ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ଓ ନୃତ୍ୟାଙ୍ଗନାମାନେ ଅଂଶଗ୍ରହଣ କରୁଥିଲେ ଏହି ଉତ୍ସବରେ। ଉତ୍ସବର ଧାରା ବିବରଣୀ ସିଧାସଳଖ ପ୍ରସାରିତ ହେଉଥିଲା ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା।

ବିନା ସରକାରୀ ପୃଷ୍ଠପୋଷକତାରେ ପୁରୀ କୁମାର ଉତ୍ସବ ସମିତି କଳା ସଂସ୍କୃତିର ବର୍ଣ୍ଣାଢ଼୍ୟ ସମାରୋହ ଅୟୋଜନ କରି ଓଡ଼ିଶା ଇତିହାସରେ ଲିପିବଦ୍ଧ କରିଛି ଏକ ସ୍ୱତନ୍ତ୍ର ଅଧ୍ୟାୟ। କୁମାର ଉତ୍ସବ ସମିତି ବହୁ ଗୁଣାତ୍ମକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଶ୍ରୀକ୍ଷେତ୍ର ସଂସ୍କୃତିକ ଇତିହାସରେ ନିଜର ପଦଚିହ୍ନ ଛାଡ଼ିଯାଇଛି। ଅନେକ ଘାତ ପ୍ରତିଘାତ ମଧ୍ୟରେ ଏହି ଅନୁଷ୍ଠାନ ଶ୍ରୀକ୍ଷେତ୍ରର ସାରସ୍ୱତ ଓ ସାଂସ୍କୃତିକ କ୍ଷେତ୍ରକୁ ଋଦ୍ଧିମନ୍ତ ଓ ପରିପୁଷ୍ଟ କରି ଚଳିତବର୍ଷ ଆୟୋଜନ କରୁଛି ୫୯ତମ କୁମାର ଉତ୍ସବ। ଆଉ ଗୋଟିଏ ବର୍ଷ ପରେ ଅର୍ଥାତ୍ ଆସନ୍ତା ବର୍ଷକୁ ପୁରୀ କୁମାର ଉତ୍ସବ ସମିତି ପାଳନ କରିବ ତା'ର ହୀରକ ଜୟନ୍ତୀ ।

ଏବେ ସମୟ ବଦଳିଛି । କୁମାର ଉତ୍ସବ ଗୋଟିଏ ଦିନ ପରିବର୍ତ୍ତେ ତିନି ଦିନ ପାଳିତ ହେଉଛି । ଓଲିଉଡ୍ ଓ ବଲିଉଡ୍‌ର ଶିଳ୍ପୀମାନେ ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। କେତେ ଶହ ଟଙ୍କାର ବଜେଟର ଏବେ ଲକ୍ଷରେ ପରିଣତ ହୋଇଛି। ବୃଦ୍ଧି ପାଇଛି ଆଗ୍ରହୀ ଦର୍ଶକଙ୍କ ସଂଖ୍ୟା । କୁମାର ଉତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଉଦୀୟମାନ କଳାକାର ଓ ନବପ୍ରତିଭାମାନେ ଏବେ ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ। ପୁରୀର ନୂଆ ଯୁବପିଢ଼ି ଅନୁଷ୍ଠାନରେ ସାମିଲ ହେଇ ଅନୁଷ୍ଠାନର ପରମ୍ପରାକୁ ବଜାୟ ରଖୁଛନ୍ତି। ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ଏବେ କୁମାର ଉତ୍ସବ ଓଡ଼ିଶାର ସାଂସ୍କୃତିକ ଜଗତରେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି, ଏହା ଆମ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ ।

**ସ୍ମରଣିକା ସଂପାଦକ, କୁମାର ଉତ୍ସବ ସମିତି, ପୁରୀ,**
**ମୋ-୯୨୩୮୮୭୯୭୮**

---

### ଏହି ସପ୍ତାହ, ସେହି ବର୍ଷ (ଅକ୍ଟୋବର ୨୫-୩୧)

**ଏଇ ସପ୍ତାହ**

ଅକ୍ଟୋବର-୨୫, ୨୦୦୦- ଅନ୍ତରୀକ୍ଷ ଯାନ 'ଡିସ୍କଭରୀ' ୧୩ ଦିନର ଅଭିଯାନ ପରେ ସକୁଶଳ ପୃଥିବୀକୁ ଫେରିଥିଲା।



ଅକ୍ଟୋବର-୨୬, ୧୯୬୨- ଚୀନୀ ଆକ୍ରମଣକୁ ଆଖିଆଗରେ ରଖି ରାଷ୍ଟ୍ରପତି ଦେଶରେ ଇମରଜେନ୍ସିର ଘୋଷଣା କରିଥିଲେ।



ଅକ୍ଟୋବର-୨୭, ୨୦୦୪- ଚୀନ୍ ବିଶାଳକାୟ କ୍ରେନ୍‌ର ନିର୍ମାଣ କରିଥିଲା।



ଅକ୍ଟୋବର-୨୮, ୧୯୧୩-ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭାର ସ୍ଥାପନା କରାଯାଇଥିଲା।



ଅକ୍ଟୋବର-୨୯, ୧୯୪୫-ପ୍ରଥମ ବଲ୍ ପଏଣ୍ଟ ପେନ୍ ବଜାରକୁ ଆସିଥିଲା।



ଅକ୍ଟୋବର-୩୦, ୧୯୨୫-ଲଣ୍ଡନ ଠାରେ ପ୍ରଥମ ଟେଲିଭିଜନ ଟ୍ରାନ୍ସମିଶନ ଆରମ୍ଭ ହୋଇଥିଲା।



ଅକ୍ଟୋବର-୩୧, ୧୮୭୫-ଦେଶର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ।



# ଯୁବପିଢ଼ି : ଭବିଷ୍ୟତର ସୂତ୍ରଧର

**ବିକ୍ରମ କେଶରୀ ବିଶ୍ୱାଳ**

କୌଣସି ରାଷ୍ଟ୍ରର ବୟସ୍କ ଗୋଷ୍ଠୀ ତାର ପଥପ୍ରଦର୍ଶକ ହୋଇଥିବାବେଳେ ଯୁବପିଢ଼ି ହୋଇଥାନ୍ତି ଆଗାମୀ ଭବିଷ୍ୟତର ସୂତ୍ରଧର। ସେ ଦେଶ ସେତେ ସମୃଦ୍ଧ ଏବଂ ସଶକ୍ତ ଏବଂ ବିବେକବନ୍ତ। ବର୍ତ୍ତମାନ ସମୟରେ ଦେଶର ପ୍ରକୃତ କାର୍ଯ୍ୟକ୍ଷମ ଗୋଷ୍ଠୀ, ଯେଉଁମାନେ ଦେଶକୁ ଚଳେଇବାର ମଙ୍ଗ ନିଜ ହାତରେ ଧରିଛନ୍ତି ସେମାନେ ହେଲେ ଆମର ଯୁବପିଢ଼ି। ଆଜିର ଯୁବପିଢ଼ି ଅଗଣିତ ଅବସର ଏବଂ ସଂଘର୍ଷ ନେଇ ଏକ ଜଟିଳ ସମୟର ସାମ୍ନା କରୁଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାର ସେମାନଙ୍କୁ ଜ୍ଞାନ, ମନୋରଞ୍ଜନ ଏବଂ ସାମାଜିକ ସମ୍ପର୍କ ସ୍ଥାପନର ଶିଖରରେ ପହଞ୍ଚେଇ ପାରିଛି। ଯଦିଓ ଏହି ପ୍ରଗତି ପଥରେ ବିକର୍ଷଣ ମଧ୍ୟ ରହିଛି, ଯାହା ସେମାନଙ୍କୁ ତାଙ୍କର ଲକ୍ଷ୍ୟ ଓ ମୂଳ ଉଦ୍ଦେଶ୍ୟ ଠାରୁ ଦୂରେଇ ନେଇଛି।



ସାମାଜିକ ଗଣମାଧ୍ୟମ ଅନ୍‌ଲାଇନ୍ ଗେମ୍, ଡେଟିଂ, ବେଟିଂ ଆପ୍, ଅଶ୍ଳୀଳ ଏବଂ ଉତ୍ତେଜକ ସଙ୍ଗୀତ, ନୃତ୍ୟ, ଦୃଶ୍ୟ ଯୁବପିଢ଼ିଙ୍କୁ ନିଜ ମାୟାବୀ ଜାଲରେ ଛନ୍ଦି ଚାଲିଛି। ଏହାକୁ ବ୍ୟବହାର କରୁଥିବା ଯୁବ ସମାଜ କ୍ଷଣିକ ସୁଖରେ ଚକିତ ହେଉଛନ୍ତି ସତ ହେଲେ ସେମାନଙ୍କର ଭବିଷ୍ୟତ ଯେ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି, ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ। ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମକୁ ବର୍ତ୍ତମାନ ସମୟରେ ଯୁବକ ଯୁବତୀମାନେ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଦିନର ସର୍ବାଧିକ ସମୟ ସେମାନେ ଏହି ସବୁ ଆପ୍ ବ୍ୟବହାର କରି ବିତାଉଛନ୍ତି। ଚିନ୍ତାର ବିଷୟ ହେଉଛି ଶିକ୍ଷା ହେଉ କି ଖବର ସଂଗ୍ରହ, ସେମାନେ ସୋସିଆଲ ଆପ୍ ଗୁଡ଼ିକକୁ ମାଧ୍ୟମ ରୂପେ ଚୟନ କରିଛନ୍ତି। ଏଥିରେ ମାତ୍ରାଧିକ ସମୟ ଅତିବାହିତ କରିବା ହେତୁ ସେମାନଙ୍କ ପାଠପଢ଼ା, ବ୍ୟବସାୟ, ରୋଜଗାର, ସାମାଜିକ ମିଳାମିଶା ମଧ୍ୟ ପ୍ରଭାବିତ ହେଉଛି। କେତେବେଳେ ସେମାନେ ଅନ୍‌ଲାଇନ୍ ଡେଟିଂରେ ଆଭାସୀ ସମ୍ପର୍କ ସ୍ଥାପନ କରି ପ୍ରତାରଣାର ଶିକାର ହେଉଛନ୍ତି ତ ପୁଣି କେତେବେଳେ ଅନ୍‌ଲାଇନ୍ ଗେମ୍ ଏବଂ ବେଟିଂ ମାଧ୍ୟମରେ ଟଙ୍କା ଠକେଇ ବା ଲୁଟର ଶିକାର ହେଉଛନ୍ତି। ପରିଣାମ ସମୟ ଅର୍ଥ ଏବଂ ଶ୍ରମ ନଷ୍ଟ ହେବା ସହିତ ଯୁବପିଢ଼ି ମାନସିକ ଅବସାଦର ଶିକାର ମଧ୍ୟ ହେଉଛନ୍ତି।

ଯୁବ ସମାଜକୁ ବିପଥଗାମୀ କରାଉଥିବା ଅନ୍ୟ ଏକ କାରଣ ହେଉଛି ନିଶାଦ୍ରବ୍ୟ ସେବନ। ଏହା କେବଳ ମଦରେ ସୀମିତ ନୁହେଁ ବରଂ ଆହୁରି ମାରାତ୍ମକ ଏବଂ ଶୀଘ୍ର କବଳିତ କରୁଥିବା ନିଶାଦ୍ରବ୍ୟ ଉଭୟ ଯୁବକ ଓ ଯୁବତୀଙ୍କୁ ଆକୃଷ୍ଟ କରୁଛି। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଆଧୁନିକତାର ଦୌଡ଼ ଏବଂ ଶୀଘ୍ର ଆଗକୁ ବଢ଼ିବାର ପ୍ରତିଯୋଗିତା ଆମ ଯୁବପିଢ଼ି କେତେବେଳେ ନିଶା ପ୍ରତି ଆକୃଷ୍ଟ ହୋଇ ଏହାକୁ ଅଭ୍ୟାସରେ ପରିଣତ କରିଦେଉଛନ୍ତି ସେମାନେ ମଧ୍ୟ ଜାଣିପାରୁନାହାଁନ୍ତି। ଅଳ୍ପ ସମୟ ଭିତରେ ପ୍ରତିଷ୍ଠିତ ହେବା ଏବଂ ସ୍ୱଳ୍ପ ପରିଶ୍ରମରେ ଅଧିକ ଆୟ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ନିଶା କାରବାରର ପ୍ରଭାବ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଦେଖାଯାଉଛି। ଗରିବ ହେଉ କି ଧନୀ ଶସ୍ତା ହେଉ କି ମହଙ୍ଗା ଯେ କୌଣସି ନିଶାଦ୍ରବ୍ୟ ବ୍ୟବହାର ବଶବର୍ତ୍ତୀ ହେଲେ ଆମ ଯୁବ ସମାଜ ନିଜ ଆଗାମୀ ଭବିଷ୍ୟତକୁ ନିଜେ ପଙ୍ଗୁ କରିଦେଉଛନ୍ତି। କିଶୋର ଅବସ୍ଥାରେ ଆରମ୍ଭ ହେଉଥିବା ନିଶାସେବନ ପ୍ରାପ୍ତ ବୟସ୍କ ହେଲା ବେଳକୁ ଭୟଙ୍କର ରୂପ ନେଉଛି। ମଦ, ଗୁଟକା, ବିଡ଼ି, ସିଗାରେଟ ସେବନରୁ ଆରମ୍ଭ କରିଥିବା ପିଲା ଆଗକୁ ଯାଇ ଗଞ୍ଜେଇ, ଚରସ, ହେରୋଇନ,. କୋକେନ ଭଳି ନିଶାଦ୍ରବ୍ୟ ସେବନ କରୁଛନ୍ତି। ଦେଶର ଯୁବବର୍ଗ ନିଶାଗ୍ରସ୍ତ ହେଲେ ତାଙ୍କ ଶିକ୍ଷା, କ୍ୟାରିୟର, ବ୍ୟବହାର ଓ ଦୈନନ୍ଦିନ ଜୀବନଶୈଳୀ ବାଧାପ୍ରାପ୍ତ ହେଉଛି। ଏହାର ବହୁଳ ବ୍ୟବହାର ପଛର ବଡ଼ କାରଣ ହେଉଛି ଏହା ଖୁବ ସହଜରେ ଉପଲବ୍ଧ ହେଉଛି ଏବଂ ଯୁବ ପିଢ଼ି ଏହାକୁ ବ୍ୟବହାର କରିବା ଆଭିଜାତ୍ୟ ଏବଂ ପ୍ରତିପତ୍ତି ଦେଖାଇବାର ଏକ ମାଧ୍ୟମ ବୋଲି ମନେ କରୁଛନ୍ତି।

ଦୁଃଖର ବିଷୟ ପଥଭ୍ରଷ୍ଟ ଯୁବ ସମାଜ ଅବସାଦଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି। ଗୋଟିଏ ଆତ୍ମହତ୍ୟା ଘଟଣାର ତଦନ୍ତ ଓ ଯାଞ୍ଚ ନ ସରୁଣୁ ଆଉ ଗୋଟିଏ କେତେ ସହଜରେ ନିଜ ଜୀବନ ନିଜେ ନେଇ ଯାଉଛନ୍ତି ଏ ଯୁବପିଢ଼ି। ବାପମାଆ କଷ୍ଟ ସହି ପିଲାଙ୍କୁ ଜନ୍ମ ଦେବେ, ତାଙ୍କର ଲାଳନପାଳନ, ଶିକ୍ଷା, ସ୍ୱଚ୍ଛଳ ଜୀବନ ପାଇଁ ଝାଳବୁହା ପରିଶ୍ରମ କରିବେ, ପିଲାଏ ଭଲ ଶିକ୍ଷା ଅନୁଷ୍ଠାନରେ ପାଠ ପଢ଼ିବେ ବୋଲି କିଏ ଜମି ବିକ୍ରି କରିଥିବ ତ କିଏ ତାର ସଞ୍ଚିତ ଧନ ବ୍ୟୟ କରି ଭଲରୁ ଭଲ ଜାଗାକୁ ପଠେଇଥିବ। ନିଜେ ଅସୁବିଧାରେ ରହି ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ବାପା ମାଆଙ୍କ ତମାମ ଜୀବନ ବିତିଯାଏ। ବଦଳରେ ପିଲାମାନେ କଣ ଫେରାନ୍ତି ? ମୃତ୍ୟୁ ପୂର୍ବରୁ ଗୋଟିଏ ହାତଲେଖା ଚିଠି, ଯେଉଁଠି ସେମାନଙ୍କ ଆତ୍ମହତ୍ୟାର କାରଣ ସୁଦ୍ଧା ସ୍ୱଷ୍ଟ ଭାବରେ ଲେଖା ନଥାଏ। ପରିବାର ସ୍ୱଜନ ଓ ପୋଲିସ ଚିଠିଟିକୁ ନେଇ ଯେତେ ଦୌଡ଼ାଦୌଡ଼ି କଲାପରେ ବି କିଛି ସ୍ୱଷ୍ଟ ଜଣା ପଡ଼େନି। ପରିଣାମ ଦିନ ଦିନ ବିତିଗଲେ ବି କିଛି ଲାଭ ହୁଏ ନାହିଁ ବାପା ମାଆ ସବୁଦିନ ପାଇଁ ହରାଇ ବସନ୍ତି ନିଜର ବଞ୍ଚିବାର ସାହାରା ନିଜର ପିଲାଙ୍କୁ।

ଶିକ୍ଷାଲାଭ ଓ ଜ୍ଞାନ ଅର୍ଜନ ଭିତରେ ଅନେକ ତଫାତ। ବିଡ଼ମ୍ବନା କଥା ଆଜିକାଲିର ଛାତ୍ରବର୍ଗ ଛତୁ ଉଠିଲା ପରି ସରକାରୀ, ବେସରକାରୀ, ଗ୍ରାଣ୍ଟ ଇନ୍ ଏଡ୍ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଲାଭ କରୁଛନ୍ତି କିନ୍ତୁ ତା ଦ୍ୱାରା ନା ମାର୍ଜିତ ନା କର୍ତ୍ତବ୍ୟ ସଚେତନ ହେଉଛନ୍ତି ଓଲଟା ସେମାନେ ସଂସ୍କାର ବିଚ୍ୟୁତ ହୋଇ ପଡ଼ିଥିବା ପରିଲକ୍ଷିତ କରାଯାଉଛି। ଏଥିପାଇଁ ଅଭିଭାବକଙ୍କ ସହିତ ଶିକ୍ଷକମାନଙ୍କ ଭୂମିକା ଅଣଦେଖା କରାଯାଇ ପାରିବ ନାହିଁ। ସ୍କୁଲର ପାଠଚାପ, ମୂଲ୍ୟବୋଧର ବିକାଶ ହୋଇପାରେନା। ବରଂ ତା ଭିତରର ଅନ୍ତର୍ନିହିତ ସୃଜନଶୀଳତା ପ୍ରଭାବିତ ହୁଏ। ବ୍ୟବସ୍ଥାନୁଯାୟୀ ମନକୁ ମାରି ଶିକ୍ଷାଲାଭ କରୁଥିବା ପିଲମାନେ ବହିପାଠ ଭିତରେ ସୀମିତ ରହିଯାଆନ୍ତି। ଫଳରେ ନା ସଂପର୍କର ତା ସହ କର୍ମୀଙ୍କ ଭିତରେ ସୁସଂପର୍କ ସ୍ଥାପନ କରିପାରନ୍ତି। ନା ଦେଶର ହିତ ପାଇଁ ଉତ୍ତମ ନାଗରିକ ପ୍ରମାଣିତ ହୁଅନ୍ତି। ଏଥିପାଇଁ ମୂଳରୁ ଅଭିଭାବକ ଓ ଶିକ୍ଷକମାନେ ଦାୟୀ ବୋଲି ଅନେକ ମତ ରଖନ୍ତି। ଘରେ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଆବଶ୍ୟକୀୟ ଅନୁଷ୍ଠାନ ଗୁଡ଼ିକରେ ଆବଶ୍ୟକୀୟ ଅନୁଶାସନ ରହିବା ଜରୁରୀ।

**ଯାଜପୁର ରୋଡ଼, ଯାଜପୁର,**
**ଦୂରଭାଷ : ୯୯୩୮୪୩୬୦୭୬**






# ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା

**ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ସଂଖ୍ୟା ବର୍ତ୍ତମାନ ୩୩ରୁ ୩୭କୁ ବୃଦ୍ଧି କରିବା ପାଇଁ ସରକାର ଜାରି କରିଥିବା ଅଧ୍ୟାଦେଶକୁ ଇତିମଧ୍ୟରେ ରାଷ୍ଟ୍ରପତି ମଞ୍ଜୁର କରିଛନ୍ତି। ୯୦ ହଜାରରୁ ଊର୍ଦ୍ଧ୍ୱ ମାମଲା ବୋଝ ଧରିଥିବା ସର୍ବୋଚ୍ଚ ନ୍ୟାୟାଳୟ ଏହାଦ୍ୱାରା କ୍ରମଶଃ ଚାପମୁକ୍ତ ହେବ ବୋଲି ଆଶା କରାଯାଉଛି। ତେବେ ବାସ୍ତବତା ବା ଆମ ଆଇନ ବ୍ୟବସ୍ଥା ଅନେକ ଜଟିଳ ହୋଇଥିବାରୁ ବହୁ ଅଧିକ ଆଶା କରିବା ବୃଥା। ତଥାପି ପୂର୍ବାପେକ୍ଷା ସ୍ଥିତିରେ ଅନେକ ସୁଧାର ଆସିବା ନିଃସନ୍ଦେହ। ୧୯୫୦ରେ ଆମ ଦେଶରେ ମାତ୍ର ଆଠଜଣ ସାତ ଜଣ ବିଚାରପତି ଓ ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଆରମ୍ଭ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟରେ ୧୯୫୬ରେ ଆଇନ ପ୍ରଣୟନ ପରେ ବିଚାରପତି ସଂଖ୍ୟା ୧୧କୁ ବୃଦ୍ଧି ପାଇଥିଲା। ଏହାପରେ ୧୯୬୦ରେ ୧୩, ୧୯୭୭ରେ ୧୭, ୧୯୮୬ରେ ୨୫, ୨୦୦୮ରେ ୩୦, ୨୦୧୯ରେ ୩୩କୁ ବୃଦ୍ଧି ପାଇଥିଲା। ତେଣୁ ବିଚାରପତି ନିଯୁକ୍ତି ମଧ୍ୟ ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇନାହିଁ।**

**ଗଙ୍ଗାଧର ସାମଲ**

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇ ଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଇପସ୍ପିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚାର ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀଙ୍କୁ ତା ଜୀବନ କାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟ କଚେରୀ ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତାର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉନାହାନ୍ତି। ଏହି ପୃଷ୍ଠଭୂମିରେ ବିଭିନ୍ନ ସ୍ତରର ଅଦାଲତମାନଙ୍କରେ ଅଧିକରୁ ଅଧିକ ବିଚାରପତି ନିଯୁକ୍ତି ବା ପଦବୀ ସଂଖ୍ୟା ବୃଦ୍ଧି ପାଇଁ ନିରନ୍ତର ଦାବି ହୋଇ ଆସୁଛି। ଏହି ତୃଣମୂଳସ୍ତରୀୟ ସମସ୍ୟା ସମାଧାନ ହେଲେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା କେବଳ ସାଧାରଣ ନାଗରିକଙ୍କ ଜନଜୀବନକୁ ପ୍ରଭାବିତ କରୁନାହିଁ, ବରଂ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରଭାବିତ କରୁଛି। ଏକ ଅନୌପଚାରିକ ଗବେଷଣା ଅନୁଯାୟୀ ବିଳମ୍ବିତ ନ୍ୟାୟ ଯୋଗୁଁ ଜିଡ଼ିପିର ୧.୫ରୁ ୨% କ୍ଷତି ହେଉଛି। କିନ୍ତୁ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେବା ପଛରେ



ରହିଥିବା ଲୁକ୍କାୟିତ କାରଣ ମାନ ଏବଂ ସେଥିରେ କଣ ସୁଧାର ଅଣାଯାଇପାରିବ ସେ ସମ୍ପର୍କିତ କୌଣସି ଗବେଷଣା ଭାରତରେ ହୋଇଥିବା ଜଣାଯାଇନାହିଁ। ତ୍ରୟୋଦଶ ଅର୍ଥ ଆୟୋଗ ଏ ସମ୍ପର୍କରେ କିଛିଟା ଦୃଷ୍ଟିପାତ କରିଥିବା ଜଣାଯାଏ। ଆୟୋଗଙ୍କ ତର୍ଜମା ଅନୁଯାୟୀ ଭାରତୀୟ ଅଦାଲତରେ ବିଚାରପତିମାନେ ଅନେକ ପ୍ରକାରର ଅଣନ୍ୟାୟିକ କାର୍ଯ୍ୟ ଦ୍ୱାରା ଚାପଗ୍ରସ୍ତ ହୋଇପଡୁଛନ୍ତି। ତେଣୁ ଜିଲ୍ଲା ଅଦାଲତରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପେସାଦାର ଅଦାଲତ ପରିଚାଳକ ଏମବିଏ ଡିଗ୍ରୀଧାରୀ କୋର୍ଟ ମ୍ୟାନେଜର ନିଯୁକ୍ତି ପାଇଁ ଅର୍ଥ ଆୟୋଗ ସୁପାରିସ କରିବା ସହିତ ଏଥିପାଇଁ ସେତେବେଳେ ୨୦୧୦-୧୫ରେ ୩୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଏହାର ମାତ୍ର ୧୩% ଉପଯୋଗ ହୋଇପାରିଥିଲା। ଏ କ୍ଷେତ୍ରରେ ହରିଆଣା, ତାମିଲନାଡୁ, ପଞ୍ଜାବ, ରାଜସ୍ଥାନ ପରି କେତେକ ରାଜ୍ୟ ଅସ୍ଥାୟୀ ବା ଚୁକ୍ତିଭିତ୍ତିକ କୋର୍ଟ ମ୍ୟାନେଜର ନିଯୁକ୍ତି କରିଥିଲେ ମଧ୍ୟ ଦେଶରେ ସମୁଦାୟ କୋର୍ଟ ମ୍ୟାନେଜର ସଂଖ୍ୟା ମାତ୍ର ୧୨୮ରେ ସୀମିତ ରହିଯାଇଥିଲା।

ତ୍ରୟୋଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୋର୍ଟ ମ୍ୟାନେଜର ନିଯୁକ୍ତି ଓ ଦରମା ବାବଦ ଅର୍ଥ ବୋଝ ରାଜ୍ୟ ମାନଙ୍କ ଉପରେ ନ୍ୟସ୍ତ ହେଲା ଏବଂ ସମ୍ପୃକ୍ତ ରାଜ୍ୟ ଉଚ୍ଚ ନ୍ୟାୟାଳୟ ମାନଙ୍କୁ ସୁପାରିସ କରିବା ପାଇଁ କୁହାଗଲା। ଏଥି ସହିତ ଏହି ଯୋଜନା ମଧ୍ୟ ଏକ ପ୍ରକାର ସ୍ଥାଣୁ ହୋଇଗଲା। ଯୋଜନା ବିଫଳ ହେବା ପଛରେ କେନ୍ଦ୍ର ସରକାରଙ୍କ ଅନାଗ୍ରହ, ବିଚାରପତି ଓ କୋର୍ଟ ମ୍ୟାନେଜରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପଦପଦବୀର କର୍ତ୍ତୃତ୍ୱ, ସମ୍ମାନ ଓ ଆତ୍ମାଭିମାନର ପ୍ରଶ୍ନ, ଏକ ସୁସ୍ଥ ବ୍ୟବସ୍ଥା ବିକାଶରେ ଅବହେଳା ଆଦି ଅନେକ କାରଣ ଥିଲା। ଏହି ଯୋଜନାକୁ ଯଦି ସଫଳତାର ସହିତ ବ୍ୟବସ୍ଥିତ କରାଯାଇପାରିଥାନ୍ତା ତେବେ ବିଳମ୍ବିତ ନ୍ୟାୟିକ ଅପବାଦ ଅନେକ ମାତ୍ରାରେ ସୁଧାରି ଆସି ପାରିଥାନ୍ତା।

ବର୍ତ୍ତମାନ ଭାରତ ସ୍ୱାଧୀନତାର ଅମୃତକାଳର ଯାତ୍ରା କରୁଛି। ଏହି ସମୟରେ ଅନେକ ସୁଧାର ଓ ସଂସ୍କାର ଆଶା କରାଯାଇପାରେ। କାରଣ ସ୍ୱାଧୀନତାର ଶହେ ବର୍ଷ ପରେ ମଧ୍ୟ ଜଣେ ସାଧାରଣ ନାଗରିକ ଠିକ ସମୟରେ ନ୍ୟାୟ ପାଇପାରିବ ନାହିଁ ତେବେ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଲ୍ୟବୋଧ ହିଁ ବ୍ୟାହତ ହେବ। ବିଚାରପତି ନିଯୁକ୍ତିରେ କେନ୍ଦ୍ର ସରକାର ଓ କଲେଜିୟମ୍ ବ୍ୟବସ୍ଥା ମଧ୍ୟରେ ବିରୋଧାଭାସ ଏକ ଅଲିଖିତ ପରମ୍ପରାରେ ପରିଣତ ହୋଇସାରିଛି। ଏଥିଯୋଗୁଁ ମଧ୍ୟ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ମନ୍ଥର କରୁଛି। ତେଣୁ ଏ ଦିଗରେ ମଧ୍ୟ ସର୍ବସମ୍ମତ ନିଷ୍ପତ୍ତି ବାଞ୍ଛନୀୟ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ମୋ: ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭**



ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ବାଦ୍ୟକାରରୁ ହାସ୍ୟାଭିନେତା ଚଗନ



ଯାତ୍ରା ଜଗତରେ ହାସ୍ୟରସାତ୍ମକକୁ ଛାଡ଼ିଦେଲେ କଣ ନାଟକରେ ମଜା ଥାଏ। ଏହା ନାଟକକୁ ଆହୁରି ରସାଣିତ କରିବା ସହ ଦର୍ଶକଙ୍କ ମନୋରଞ୍ଜନ କରିବାରେ ବେଶ୍ ସହାୟକ ହୋଇପାରିଥାଏ। ଦର୍ଶକଙ୍କୁ ହସାଇବା ଏତେ ସହଜ ହୋଇ ନଥାଏ, ଯଦି ସେତିକି ଦମଦାର ଅଭିନୟ ନଥାଏ ବା କଥା କହିବାର ଚାତୁରୀ ନଥାଏ। ଚଗନ ଓରଫ ପ୍ରଭାକର ସାହୁ ହେଲେ ସେମିତି ଜଣେ ବର୍ଷିୟାନ କଳାକାର, ଯାହାଙ୍କର ଅଭିନୟ ଦର୍ଶକଙ୍କ ନିକଟରେ ବେଶ୍ ଲୋକପ୍ରିୟ କରିପାରିଛି। ଦୀର୍ଘଦିନର ଅନୁଭୂତି ସହିତ ବିଭିନ୍ନ ବିଭାଗରେ କାମ କରିବାର ଦକ୍ଷତା ରହିଛି ଚଗନଙ୍କର। ଯାତ୍ରାର ଜନକ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଯାତ୍ରାନୁଷ୍ଠାନରେ କାମ କରିବାର ସୁଯୋଗ ମିଳିଥିଲା ପିଲାବେଳୁ। ଷଷ୍ଠ ଶ୍ରେଣୀରେ ପଢ଼ିବାବେଳେ ଘରେ ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନଥିବା କାରଣରୁ ଯାତ୍ରାପାର୍ଟିକୁ ପଳାଇ ଆସିଥିଲେ। ତାଙ୍କ ବାପା ଜଣେ ଜ୍ୟୋତିଷ ଥିବାରୁ ଶ୍ୟାମସୁନ୍ଦର ମହାପାତ୍ର ଅନେକ ସମୟରେ ପରାମର୍ଶ ନେବାକୁ ଆସୁଥିଲେ। ଏହି ସମୟରେ ସେ ଶ୍ୟାମସୁନ୍ଦର ମହାପାତ୍ରଙ୍କୁ ଅନୁରୋଧ କରିବା ପରେ ଚଗନଙ୍କୁ ଯାତ୍ରାପାର୍ଟିରେ ନେଇଯାଇଥିଲେ। ତା ପରେ ସେ ପଛକୁ ଫେରିନାହାନ୍ତି, ଯାହା କିଛି କାମ କରିବାକୁ ମିଳିଛି ତାକୁ ସୁଚାରୁ ରୂପେ ସେ ତୁଲାଇଛନ୍ତି। ଶିଶୁ କଳାକାର ହେଉବା ଭାଓଲିନ ବାଦକ ହେଉ, କି ପାର୍ଶ୍ୱ ଅଭିନୟ ହେଉ କି ଅର୍ଗାନ ବଜାଇବା ହେଉ, ସବୁଥିରେ ସେ ନିଜକୁ ପ୍ରମାଣ କରି ଦେଖାଇ ପାରିଛନ୍ତି। ପ୍ରଥମେ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଜନନୀ ଗଣନାଟ୍ୟରେ ସେ ୧୯୭୫ ମସିହାରେ ଯୋଗ ଦେଇଥିଲେ। ପରେ ଓଡ଼ିଶା ଅପେରା, ଗୌରୀ ଗଣନାଟ୍ୟ, ତ୍ରିନାଥ, ନୀଳଚକ୍ର, କଳିଙ୍ଗ, ରଙ୍ଗମହଲ, ଇନ୍ଦ୍ରମହଲ, ସ୍ୱପ୍ନମହଲ ଆଦି ପାର୍ଟିରେ ହାସ୍ୟାଭିନେତା ଭାବରେ କମେଡ଼ି କିଙ୍ଗ ଦୟାଙ୍କ ସହିତ ଯୋଡ଼ି ଜମାଇ ଚର୍ଚ୍ଚାକୁ ଆସିପାରିଥିଲେ। ସେ ଅନେକ ବର୍ଷ ଧରି ଜଣେ ବାଦ୍ୟକାର ଭାବରେ ଭାଓଲିନ ଓ ଅର୍ଗାନ ବଜାଉଥିଲେ। କିନ୍ତୁ ଅଭିନୟର ନିଶା ତାଙ୍କୁ ଅଟକାଇ ପାରିଲା ନାହିଁ। ସେଥିପାଇଁ ସେ ତ୍ରିନାଥ ଗଣନାଟ୍ୟରୁ ଅଭିନୟକୁ ଓହ୍ଲାଇଥିଲେ। ତାଙ୍କର ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ ସ୍ୱାମୀମାନେ ସାବଧାନ, ତୋ ଚାରିଖୁରାକୁ ଜୁହାର, ଲୁହରେ ଲେଖୁଛି ପ୍ରେମ କାହାଣୀ, ଖରାପଝିଅର ଗପ, ଉର୍ବଶୀ ଆସୁଛି ଇନ୍ଦ୍ରମହଲ, ସିଆଡ଼ି ଦୟା, ଯିଏ ବାହାହେବ ସିଏ ମରିବ, ସ୍ତ୍ରୀମାନେ ସାବଧାନ, ମନ କିଣିନେଲା କଳାନାଗର ଆଦି ଅନେକ ନାଟକ। ସବୁଠୁ ବଡ଼ କଥାହେଲା ପ୍ରଭାକର ଭଲ କବିତା ଲେଖି ସୋସିଆଲ ମିଡ଼ିଆରେ ଖୁବ୍ ଚର୍ଚ୍ଚାକୁ ଆସିପାରିଛନ୍ତି।





'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସମ୍ପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com